ଆଜି - ଶନିବାର
ତାରିଖ - ୦୧ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୧୬
ତିଥି - ତୃତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ଶତଭିଷା, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୬:୦୦
ସୂର୍ଯ୍ୟାସ୍ତ - ୬:୨୦:୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଆମେ ସମସ୍ତେ ମହାନ
କାମ କରି ପାରିବା ନାହିଁ,
କିନ୍ତୁ ଆନନ୍ଦର ସହିତ ଛୋଟ
ଛୋଟ କାମଗୁଡ଼ିକୁ କରି
ପାରିବା ।"
- ମଦର ଟେରେସା


E-News : www.Ajikali epaper.com

Vol.- 41 ISSUE- 109 R.N.I. REGD. No. 44026/86 ବାଲେଶ୍ୱର ୦୧ ଅଗଷ୍ଟ ୨୦୨୬ ଶନିବାର BALASORE 01 AUGUST 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି

## ସମୁଦ୍ର ମନ୍ଥନରେ ବ୍ୟୟ ଅଟକଳ ୮୪,୦୮୪କୋଟି ଟଙ୍କା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ 'ସମୁଦ୍ର ମନ୍ଥନ'-ଜାତୀୟ ଅପତଟ ଅନ୍ୱେଷଣ ଯୋଜନାକୁ ଅନୁମୋଦନ ପ୍ରଦାନ କରିଛି । ଏହା ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା । ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ୮୪,୦୮୪ କୋଟି ଟଙ୍କାରଅର୍ଥରାଶି ମଞ୍ଜୁର କରାଯାଇଛି । ୨୦୨୫ ସ୍ୱାଧୀନତା ଦିବସ ଉପଲକ୍ଷେ ଲାଲକିଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଆଧୁନିକ ସମୁଦ୍ର ମନ୍ଥନ' ରୂପେ ଏହି ଯୋଜନାର ଘୋଷଣା କରିଥିଲେ । ତାଙ୍କର ଦୃଷ୍ଟିକୋଣକୁ ସାକାର କରିବା ଲାଗି ସମୁଦ୍ର ମନ୍ଥନ ଯୋଜନା ଭାରତର ବିଶାଳ ଅପତଟ ବା ଅଫଶୋର କ୍ଷେତ୍ରରେ ରହିଥିବା ଉର୍ଜ୍ଜା କ୍ଷମତାକୁ ଉଜାଗର କରିବାରେ ସହାୟକ ହେବ । ଏହା ଭାରତର ଉର୍ଜ୍ଜା ସୁରକ୍ଷାକୁ ମଜବୁତ କରିବା ସହିତ ଘରୋଇ ସ୍ତରରେ ଅନ୍ୱେଷଣ ଏବଂ ଉତ୍ପାଦନକୁ ତ୍ୱରାନ୍ୱିତ କରିବ । ବୈଷୟିକ ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଏବଂ 'ବିକଶିତ ଭାରତ'



ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଯୋଜନାରେ ଅପତଟଅନ୍ୱେଷଣ (ଅଫଶୋର ଏକ୍ସପ୍ଲୋରେସନ)ର ମୂଲ୍ୟ ଶୃଙ୍ଖଳରେ ବିଭିନ୍ନ ଉପାୟ ସାମିଲ ରହିଛି । ଏଥିରେ ଉଚ୍ଚମାନର ଭୂକମ୍ପ ତଥ୍ୟକୁ ବ୍ୟାପକ ପରିମାଣରେ ସଂଗ୍ରହ, ବିଶ୍ଳେଷଣ ଏବଂ ବ୍ୟାଖ୍ୟା ମଧ୍ୟ ଅନ୍ତର୍ଭୁକ୍ତ । ଗଭୀର ଜଳ ଏବଂ ଅତି-ଗଭୀର ଜଳରେ ଦ୍ରୁତ ଗତିରେ ଅନ୍ୱେଷଣ ଲାଗି ଖନନ କରିବା ସହିତ ନୂତନ ଓକମ୍ ଅନୁସନ୍ଧାନ ହୋଇଥିବା ବେସିନରେ ବୈଜ୍ଞାନିକ ଖନନ; ଅପତଟ ଉତ୍ପାଦନ ଓ ନିଷ୍କାସନ ପାଇଁ ସହଭାଗୀ ଭିତିଭୂମି ବିକାଶ; ଏବଂ ଏକ ସମନ୍ୱିତ ତୈଳ ଓ ଗ୍ୟାସ ଉତ୍ପାଦନ ଏବଂ ସେବା ପରିକ୍ଷେତ୍ର ପ୍ରତିଷ୍ଠାକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ସେହିପରି ଏଥିରେ ଡିଜିଟାଲ୍ କାର୍ଯ୍ୟକ୍ରମ ପରିଚାଳନା, କ୍ଷମତା ବିକାଶ, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଅଂଶୀଦାରଙ୍କ ସମ୍ପୃକ୍ତି ଏବଂ ଦେଶରେ ଅପତଟଅନୁସନ୍ଧାନ ଓ ଉତ୍ପାଦନର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଏକ ସମନ୍ୱିତ ଇକୋସିଷ୍ଟମ୍ ସୃଷ୍ଟି କରିବା ପାଇଁ ଉନ୍ନତ ଆନ୍ତର୍ଜାତୀୟ ସଂଯୋଗୀକରଣ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ।

## ୨୦୩୦-୩୧ ପର୍ଯ୍ୟନ୍ତ ବଢ଼ିଲା ପିଏମ୍ କିଷାନ୍ ଯୋଜନାର ଅବଧି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାକୁ ୨୦୨୬-୨୭ ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ କରିଛି । ଏହି ସମୟ ମଧ୍ୟରେ ପିଏମ-କିଷାନ ଯୋଜନା ପାଇଁ ମୋଟ ୩.୧୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦକୁ ଅନୁମୋଦନ କରାଯାଇଛି । କୃଷକମାନଙ୍କ ସମୃଦ୍ଧି ହେଉଛି ଦେଶ ସମୃଦ୍ଧିର ଆଧାର, ଏହି ଆଭିମୁଖ୍ୟ ନେଇ ସରକାର ଉପରୋକ୍ତ ଯୋଜନାକୁ ଅନୁମୋଦନ କରିଛି । ପିଏମ-କିଷାନ ଯୋଜନା ମାଧ୍ୟମରେ ଯୋଗ୍ୟ ଚାଷୀ ପରିବାରଗୁଡ଼ିକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ସମୟୋଚିତ ଏବଂ ସ୍ୱଚ୍ଛ ଆୟ ସହାୟତା ଯୋଗାଇ ଦିଆଯାଉଛି । ଏହା ଚାଷୀମାନଙ୍କୁ କୃଷି ନିବେଶ ବୃଦ୍ଧି କରିବା ଏବଂ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବାରେ ସାହାଯ୍ୟ କରୁଛି । ପିଏମ-କିଷାନ ଯୋଜନା ଫେବୃଆରୀ ୨୦୧୯ରେ



ଆରମ୍ଭ ହୋଇଥିଲା । ଏହି ଯୋଜନା ଅଧୀନରେ, ଜମି ଥିବା ଯୋଗ୍ୟ ଚାଷୀ ପରିବାରଗୁଡ଼ିକ ପ୍ରତିବର୍ଷ ୬୦୦୦ ଟଙ୍କାର ଆର୍ଥିକ ସହାୟତା ପାଉଛନ୍ତି । ଏହି ଅର୍ଥ ତିନୋଟି ସମାନ କିସ୍ତିରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ଜମା ହେଉଛି । ଆଧାର ପ୍ରମାଣୀକରଣ, ଡିଜିଟାଲ୍ ଯାଂଚ ଏବଂ ଏକ ଦୃଢ଼ ଡିବିଟି ବ୍ୟବସ୍ଥା ମାଧ୍ୟମରେ ଏହି ଯୋଜନା ସ୍ୱଚ୍ଛତା, ଦକ୍ଷତା ଏବଂ ଉତରଦାୟିତ୍ୱର ଏକ ପ୍ରଭାବୀ ଉଦାହରଣ ପ୍ରଦର୍ଶନ କରିଛି ।

## ୫୦୭୦ କୋଟି ଟଙ୍କାର ବ୍ୟୟ ଅଟକଳ ସହିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନାକୁ ମଞ୍ଜୁରି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ୫,୦୭୦କୋଟି ଟଙ୍କା ବ୍ୟୟ ଅଟକଳ ସହ'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନା (ପିଏମ-ଏସଏସୱାଇ)' ଯୋଜନାକୁ ଅନୁମୋଦନ କରିଛି । ଏହି ଯୋଜନା ଅଧୀନରେ ଦେଶରେ ଶକ୍ତି ସଂରକ୍ଷଣ ପ୍ରଣାଳୀ (ଇଏସଏସ) ସହିତ ଭାସମାନ ସୌର ଫୋଟୋଭୋଲ୍ଟାଇକ୍ (ଏଫଏସପିଭି) ପ୍ରକଳ୍ପ ବିକଶିତ କରାଯିବ । ପିଏମ-ଏସଏସୱାଇଯୋଜନା ଅଧୀନରେ, ୫ ହଜାରମେଗାୱାଟ୍ ଭାସମାନ ସୌର ଫୋଟୋଭୋଲ୍ଟାଇକ୍ ପ୍ରକଳ୍ପମାନ ବିକଶିତ କରାଯିବ । ଏଥିରେ ସର୍ବନିମ୍ନ ଦୁଇ ଘଂଟା ଅର୍ଥାତ୍ ୧୦ ହଜାରମେଗାୱାଟ୍-ଘଂଟା ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକୁ ୨୦୨୬-୨୭ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅନୁମୋଦନ କରାଯିବ ଏବଂ ୨୦୩୨-୩୩ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ ଜାରି ରହିବ । ଜାତୀୟ ସୌର ଶକ୍ତି ପ୍ରତିଷ୍ଠାନ (ଏନଆଇଏସଇ) ଦ୍ୱାରା



ସମ୍ପ୍ରତି କରାଯାଇଥିବା ଏକ ମୂଲ୍ୟାୟନ ପରେ ଏହି ଅନୁମୋଦନ କରାଯାଇଛି । ଏଥିରେ ଦେଶର ଜଳଭଣ୍ଡାର ଏବଂ ଅନ୍ୟାନ୍ୟ ଉପଯୁକ୍ତ ଆଭ୍ୟନ୍ତରୀଣ ଜଳଭଣ୍ଡାରଗୁଡ଼ିକରେ ପ୍ରାୟ ୧୦୨.୧୮ ଗିଗାୱାଟ୍ଭାସମାନ ସୌର କ୍ଷମତା ଆକଳନ କରିଛି । ଏହି ଯୋଜନା ଅଧୀନରେ ସଫଳତାପୂର୍ବକ କାର୍ଯ୍ୟକ୍ଷମ ହେବା ପରେ ଯୋଗ୍ୟ ଭାସମାନ ସୌର ଫୋଟୋଭୋଲ୍ଟାଇକ୍ ପ୍ରକଳ୍ପଗୁଡ଼ିକୁ ପ୍ରତି ମେଗାୱାଟ୍ ଏକ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା (ସିଏଫଏ) ପ୍ରଦାନ କରାଯିବ । ଏହା ଅତିରିକ୍ତ, ପ୍ରକଳ୍ପ ବିକାଶର ବିପଦକୁ କମ କରିବା ଲାଗି ଆବଶ୍ୟକ ଉପଯୋଗୀତା ଅଧ୍ୟୟନ ସାମିଲ କରାଯାଇଛି । ଏଥିରେ ବାଥିମେଟ୍ରି ଏବଂ ହାଇଡ୍ରୋଗ୍ରାଫି ଆକଳନ, ପରିବେଶ ଅଧ୍ୟୟନ ଏବଂ ଅନ୍ୟ ପ୍ରାରମ୍ଭିକ କାର୍ଯ୍ୟକଳାପ ସାମିଲ ରହିଛି । ଏସବୁ ପାଇଁ ପ୍ରତ୍ୟେକ ପ୍ରକଳ୍ପ ନିମନ୍ତେ ୫୦ ଲକ୍ଷ ଟଙ୍କାର ସିଏଫଏ ଉପଲବ୍ଧ ହେବ । ଏହି ଯୋଜନା ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ ଲାଭ ଦେବ ।

## ଅଳ୍ପରେ ଖବର

▸▸ ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଦିନ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନର ସମ୍ମିଳନୀ କକ୍ଷରେ ଚିଲିକା ଅଂଚଳରେ ବ୍ୟାପକ ପର୍ଯ୍ୟଟନର ବିକାଶ ଏବଂ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଆବଶ୍ୟକ ଭିତିଭୂମିର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ।

▸▸ ନୂଆଦିଲ୍ଲୀ ଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଦିଲ୍ଲୀପ ରାୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଛି । ଏହି ଅବସରରେ ରାଜ୍ୟର ସାମଗ୍ରିକ ବିକାଶ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

▸▸ ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ୪ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ ଯୋଗେ ଗସ୍ତ କରିବେ ।

▸▸ ସ୍ୱାଧୀନତା ସଂଗ୍ରାମୀ ଉଧମ ସିଂଙ୍କ ସ୍ମୃତିଚାରଣ କରିଛନ୍ତି ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତି ପରିଡା ।

## ନୂଆଦିଲ୍ଲୀରେ ଅମିତ ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି



ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେ ବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ "ନକ୍ସଲମୁକ୍ତ ରାଜ୍ୟ" ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ନକ୍ସଲ ମୁକ୍ତ ଅଂଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଂଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି । ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି । ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି ।

## ୨୨ଟି ଗେଟ୍ ଦେଇ ହୀରାକୁଦ ଡ୍ୟାମର ଜଳ ନିଷ୍କାସନ ଜାରି
# ୩ ଜିଲ୍ଲାକୁ ସତର୍କ ସୂଚନା

ସମ୍ବଲପୁର: ଖୋଲିଲା ହୀରାକୁଦ ଡ୍ୟାମର ଆଉ ୮ଟି ଗେଟ୍ ।



ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ଖୋଲିଲା ୮ଟି ଗେଟ୍ । ମୋଟ୍ ୨୨ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି । ଜଳଭଣ୍ଡାରକୁ ଲଗାତାର ଅଧିକ ପାଣି ପ୍ରବେଶ କରୁଥିବାରୁ ପର୍ଯ୍ୟାୟକ୍ରମେ ଗେଟ୍ ଖୋଲାଯାଉଛି । ଆଜି ତୃତୀୟ ପର୍ଯ୍ୟାୟରେ ଆଉ ୮ଟି ଗେଟ୍ ଖୋଲାଯିବା ପରେ ବର୍ତ୍ତମାନ ମୋଟ୍ ୨୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ପ୍ରାୟ ସାଢ଼େ ୩ ଲକ୍ଷ କ୍ୟୁସେକ ପାଣି ହୀରାକୁଦରୁ ଛଡ଼ାଯାଉଛି । ଅନ୍ୟପଟେ ଖଇରମାଳରେ ଏବେ ୫ ଲକ୍ଷ ୨୭ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି । ବର୍ତ୍ତମାନ ହୀରାକୁଦରେ ୧ଲକ୍ଷ ୮୦ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି ପାଖାପାଖି ୪୮ ଘଂଟା ମଧ୍ୟରେ ଏହା ମୁଣ୍ଡୁଳିରେ ପହଂଚିବା ଆକଳନ କରାଯାଉଥିଲା । ମୁଣ୍ଡଳିରୁ ୭ଲକ୍ଷ ୫୦ହଜାର କ୍ୟୁସେକ ପାଣି ଛାଡ଼ିବାକୁ ଯୋଜନା କରାଯାଇଛି ।

## ବନ୍ୟା ପରିଚାଳନା ନେଇ ବିସ୍ତୃତ ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର : ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ବନ୍ୟା ପରିସ୍ଥିତି ସମ୍ପର୍କରେ ସୁବିସ୍ତୃତ ସମୀକ୍ଷା କରିଛନ୍ତି । ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ବୃଷ୍ଟିପାତ କମ୍ ଥିବା ସହ ଖରା ପାଗ ହୋଇଥିଲା ବେଳେ ବନ୍ୟା ପରିସ୍ଥିତିରେ କ୍ରମଶଃ ସୁଧାର ଆସିବା ସହ ଏସଆରସି, ଉଦ୍ଧାରକାରୀ ଦଳ ଏବଂ ଜିଲ୍ଲାପ୍ରଶାସନର



ସମନ୍ୱିତ ପ୍ରୟାସ ମାଧ୍ୟମରେ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି କ୍ଷ ତେବେ, ମହାନଦୀର ଜଳପତନ ସ୍ତର ଉପରେ ତୀକ୍ଷଣ ନଜର ରଖାଯିବା ସହ ଏହାର ଅବବାହିକା ଅଂଚଳ ତଥା ଉପକୂଳ ଜିଲ୍ଲାମାନଙ୍କରେ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫ଟି ଜିଲ୍ଲା ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ବେଳେ ବାକି ୧୫ଟି ଜିଲ୍ଲା ବନ୍ୟା ଦ୍ୱାରା ଉଣାଅଧିକେ ପ୍ରଭାବିତ ହୋଇଛନ୍ତି କ୍ଷ ୧୫ଟି ଜିଲ୍ଲାର ୫୭ଟି ବ୍ଲକର ୪୪୬ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୧୩୬୨ଟି ଗ୍ରାମ ଏବଂ ୧୧ଟି ପୌରାଂଚଳର ୧୭୪ ୱାର୍ଡର ପ୍ରାୟ ୭,୯୧,୮୪୬ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପାଣି ଘେରରେ ୨,୬୮,୯୪୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୧୩୮୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି । ତେବେ, ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ଏସଆରସିଙ୍କ ସହ ଜିଲ୍ଲା ପ୍ରଶାସନ ସମନ୍ୱିତ ହୋଇ ଦିନରାତି ଏକ କରି ଜନସାଧାରଣଙ୍କ ସେବାରେ ସମର୍ପିତ ହୋଇ କାର୍ଯ୍ୟ କରୁଛନ୍ତି । ପ୍ରାୟ ୬୪୭ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଶିଶୁମାନଙ୍କ ପାଇଁ ଶିଶୁଖାଦ୍ୟ, ବୟସ୍କ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି କ୍ଷ ଡାକ୍ତରୀ ଟିମ୍ ମଧ୍ୟ ନିୟମିତ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ସେବା ପ୍ରଦାନ କରିବାକୁ ନିୟୋଜିତ ହୋଇଛନ୍ତି ।

## ଆଜି ଆକାଶ ମାର୍ଗରୁ ବନ୍ୟା ସ୍ଥିତି ନିରୀକ୍ଷଣ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସକାଳ ୧୦ଟାରେ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକର ଆକାଶ ମାର୍ଗରୁ ସର୍ଭେ କରିବେ । ତାଙ୍କ ସହିତ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ମଧ୍ୟ ଗସ୍ତ କରିବେ । ଯାହା



ପରେ ମୁଖ୍ୟମନ୍ତ୍ରୀ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଆଶା କରାଯାଉଛି । ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ପୂର୍ବରୁ ମୁଖ୍ୟ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ବନ୍ୟା ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଏବଂ ସମସ୍ତ ଆବଶ୍ୟକୀୟ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା ତଦାରଖ କରିବା ପାଇଁ ତିନି ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦୁଝର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକର ଆକାଶ ମାର୍ଗରେ ସର୍ଭେ କରିଥିଲେ । ଯାହାଦ୍ୱାରା ବନ୍ୟାର ପରିମାଣ ଆକଳନ ଏବଂ ଉଦ୍ଧାର ତଥା ରିଲିଫ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା ।





# ଉଦ୍‌ଯାପିତ ହେଲା 'ରିଭିଜିଟ୍ ମିଶନ୍ ଏଫ୍.ଏମ୍.ୟୁ.-୨୦୨୬'




ବାଲେଶ୍ୱର(ନିପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା 'ରିଭିଜିଟ୍ ମିଶନ୍ ଏଫ୍ ?.ଏମ୍ ?.ୟୁ.-୨୦୨୬' ଅଂଶୀଦାର ପରାମର୍ଶ ବୈଠକ ଗୁରୁବାର ସଫଳତାର ସହ ଉଦ୍ ?ଯାପିତ ହୋଇଯାଇଛି । ବୈଠକରୁ ପ୍ରାପ୍ତ ମତାମତ ଓ ପ୍ରସ୍ତାବକୁ ଆଧାର କରି ବିଶ୍ୱବିଦ୍ୟାଳୟ ନିଜର ଭବିଷ୍ୟତ ବିକାଶ ପାଇଁ ଏକ ସୁଦୂରପ୍ରସାରୀ ଦିଗନିର୍ଦ୍ଦେଶ ଗ୍ରହଣ କରିଛି । ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ମାନଦଣ୍ଡ ସହ ସମନ୍ୱୟ ରଖି ଏହି ଦିଗନିର୍ଦ୍ଦେଶ ପ୍ରସ୍ତୁତ ହୋଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ ?ଯାପନୀ ଅଧିବେଶନରେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ଶ୍ରୀମତୀ କୁକୁମିନା ଦାସ ଓ ପରୀକ୍ଷା ନିୟନ୍ତ୍ରକ ଡଃ କମଳାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ତିନିଦିନରେ ଅନୁଷ୍ଠିତ ହୋଇଥିବା ନଅଟି ବିଷୟଭିତିକ ଅଧିବେଶନର ସଂକ୍ଷିପ୍ତ ବିବରଣୀ ଉଦ୍‌ଯାପନୀରେ ଉପସ୍ଥାପିତ ହୋଇଥିଲା । ପ୍ରଫେସର ନିହାର ରଞ୍ଜନ ରାଉତ, ପ୍ରଫେସର ପଙ୍କଜ କୁମାର ପାଢ଼ୀ, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ଡ଼କ୍ଟର ସସ୍ମିତା ରାଉତ, ପ୍ରଫେସର ପବିତ୍ର ମୋହନ ନାୟକ, ପ୍ରଫେସର ସୂର୍ଯ୍ୟେନ୍ଦୁ ଦେ ଏବଂ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ପ୍ରମୁଖ ସଂଯୋଜକ ଭାବେ ନିଜ ଅଧିବେଶନର ଗୁରୁତ୍ୱପୂର୍ଣ୍ଣ ସୁପାରିଶ ରଖିଥିଲେ । ଏହି ବିବରଣୀଗୁଡ଼ିକୁ ବିଶ୍ୱବିଦ୍ୟାଳୟର ମିଶନ୍ ଓ ଦୀର୍ଘମିଆଦୀ ନୀତିରେ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଛି ।ଏହି ପରାମର୍ଶ ବୈଠକରେ ସ୍ନାତକୋତର ଓ ଗବେଷକ ଛାତ୍ରଛାତ୍ରୀ, ଅନୁବନ୍ଧିତ ମହାବିଦ୍ୟାଳୟ ଅଧ୍ୟକ୍ଷ, ପ୍ରାକ୍ତନ ଛାତ୍ର, ଅଭିଭାବକ, ଶିଳ୍ପପତି, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସାମାଜିକ ଓ ସାରସ୍ୱତ ବର୍ଗର ପ୍ରତିନିଧିଙ୍କ ମଧ୍ୟରେ ଅଜୟ ନାୟକ, ଡକ୍ଟର ବିଶ୍ୱରଂଜନ ଦାସ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଡକ୍ଟର ଅଭୟ କୁମାର ଦାସ, ଆଡଭୋକେଟ୍ ମନୋରଞ୍ଜନ ଦାସ, ପ୍ରଫେସର ରାଜ କିଶୋର ସାହୁ, କବି କାଳିପଦ ପଣ୍ଡା, କବି ଅଭୟ ଦାସ, କ୍ଷୀତେଶ୍ୱର ଦାସ, ସମ୍ପାଦିକା ମମତା ମହାପାତ୍ର, ସୁବାସ ଚନ୍ଦ୍ର ପାତ୍ର, ସାହିତ୍ୟିକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ, ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ସୃଷ୍ଟିଧର ପରିଡ଼ା, ଅର୍ଚ୍ଚନା ନନ୍ଦୀ, ଅଞ୍ଜଳି ପଣ୍ଡା, କେଶୁ ଦାସ, ବ୍ରହ୍ମ ରଥ ପ୍ରମୁଖ ଯୋଗ ଦେଇଥିଲେ । ସମୁଦାୟ ୬୦୦ରୁ ଅଧିକ ଅଂଶୀଦାର ଯୋଗ ଦେଇଥିଲେ । ଆଲୋଚନାରେ ଶିକ୍ଷାର ଗୁଣାତ୍ମକ ଉନ୍ନୟନ, ଗବେଷଣା ଓ ନବସୃଜନ, ଶିଳ୍ପ ସହ ସହଭାଗିତା, ଦକ୍ଷତା ବିକାଶ, ନିଯୁକ୍ତିଯୋଗ୍ୟତା, ଡିଜିଟାଲ୍ ପ୍ରଶାସନ, ଗୁଣବତା ସୁନିଶ୍ଚିତ କରଣ, ଆନ୍ତର୍ଜାତିକୀକରଣ ଏବଂ ସ୍ଥାୟୀ ବିକାଶ ଭଳି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉଦ୍‌ଯାପନୀ ଭାଷଣରେ କୁଳପତି ପ୍ରଫେସର ତ୍ରିପାଠୀ କହିଲେ, 'ରିଭିଜିଟ୍ ମିଶନ୍ ଏଫ୍.ଏମ୍.ୟୁ.-୨୦୨୬ କେବଳ ଏକ ଦୃଷ୍ଟିପତ୍ର ନୁହେଁ । ଏହା ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଛାତ୍ରକୈନ୍ଦ୍ରିକ, ଭବିଷ୍ୟତମୁଖୀ ଓ ବିଶ୍ୱମାନର ଅନୁଷ୍ଠାନରେ ପରିଣତ କରିବା ପାଇଁ ସମସ୍ତଙ୍କର ସାମୂହିକ ଅଙ୍ଗୀକାର ।' ଏହି କ୍ରମରେ ଅଂଶୀଦାରଙ୍କ ପରାମର୍ଶକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ପରିଶେଷରେ ଅଂଶୀଦାର-ଭିତିକ ପ୍ରଶାସନକୁ ସୁଦୃଢ଼ କରିବା ଏବଂ ବିଶ୍ୱବିଦ୍ୟାଳୟକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରେ ଅଗ୍ରଣୀ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ସଂକଳ୍ପ ପ୍ରକାଶ କରିଥିଲେ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା

ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିବା ୨୩ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ସମସ୍ତ ସରକାରୀ, ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀମାନେ ଅବସର ଗ୍ରହଣ କରିଛନ୍ତି ଓ ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ଏଥିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ସୁଦୀପ୍ତ କୁମାର ମୋଲିକ୍, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ପିନାକୀ ବେରା, କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତରୋତର ଉନ୍ନତି କାମନା କରିଥିଲେଓଏଥିରେ ୦୯ଜଣଙ୍କୁ ପୂର୍ଣ୍ଣାଙ୍ଗ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲଓ ଓଏଥିରେ ସାନଖଲାଡ଼ି ସଂସ୍କୃତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକଶ୍ୱର ପଣ୍ଡା, ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ ଝୁମୁକାକୁଦର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ଏସ.ଏମ ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ବଯୋଡ଼ାର ପ୍ରଧାନ ଶିକ୍ଷକ ଅରୁଣ କୁମାର ଶତପଥୀ, ଜୀବନଦ୍ୱୀପ ଉଚ୍ଚ ବିଦ୍ୟାଳୟ ଗାଲୁସାହିର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତ, ସରକାରୀ ଉଚ୍ଚ ବିଦ୍ୟାଳୟ ଚିତ୍ରଡ଼ାର ପ୍ରଧାନ ଶିକ୍ଷକ ମିନାକ୍ଷୀ ନନ୍ଦୀ, ନୃସିଂହ ଚରଣ ମହାନ୍ତି, ହରି ନାରାୟଣ ଦାସ, ଜୟନ୍ତ କୁମାର ମହାନ୍ତ, ବିନୋଦ ପାଣ୍ଡେ, ବିଜୟ କୁମାର ଦାସ, ଅଶୋକ କୁମାର ପାଲ, ସୂର୍ଯ୍ୟମଣୀ ବେହେରା, ସଂଜିତ କୁମାର ଜେନା, ନନ୍ଦ କିଶୋର ବର୍ଦ୍ଧା, ସୋମନାଥ ସିଂହ, ପ୍ରଭାକର ବେହେରା, ସୋମନାଥ ବେହେରା, ମହେଶ୍ୱର ପୃଷ୍ଟି, ପ୍ରଦୀପ କୁମାର ନାୟକ, ଭଗବାନ ତୁଙ୍ଗ, ଶ୍ରୀପର୍ଣ୍ଣା ସାହୁ, ପଙ୍କଜିନୀ ମହାନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ବାଲେଶ୍ୱର ରେଳ ଷ୍ଟେସନ୍‌ରେ ସନ୍ଥ ଶିରୋମଣି ରବି ଦାସଙ୍କ ଜନ୍ମଭୂମିର ମାଟିକୁ ଭବ୍ୟ ସ୍ୱାଗତ




ବାଲେଶ୍ୱର(ନିପ୍ର): ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଆସନ୍ତା ୬୫୦ତମ ଜନ୍ମଜୟନ୍ତୀ ଅବସରରେ ତାଙ୍କ ଜନ୍ମସ୍ଥାନ ବାରଣାସୀରୁ ଅଣାଯାଇଥିବା ପବିତ୍ର ଜନ୍ମଭୂମିର ମାଟିକୁ ଶନିବାର ବାଲେଶ୍ୱର ରେଳ ଷ୍ଟେସନ୍‌ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଭବ୍ୟ ସ୍ୱାଗତ ଜଣାଯାଇଛି । ରାଜ୍ୟସ୍ତରୀୟ ଟୋଲିର ମୁଖ୍ୟ ତଥା ଯାଜପୁର ସାଂସଦ ରବି ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ୮-ଜଣିଆ ପ୍ରତିନିଧି ଦଳ ବାରଣାସୀ ଯାଇ ଗୁରୁପୂର୍ଣ୍ଣିମା ଦିନ ସନ୍ଥ ରବି ଦାସଙ୍କ ଜନ୍ମଭୂମିରୁ ପବିତ୍ର ମାଟି ସଂଗ୍ରହ କରିଥିଲେ । ଆସନ୍ତା ମାଘ ପୂର୍ଣ୍ଣିମାରେ ସନ୍ଥ ରବି ଦାସଙ୍କ ୬୫୦ତମ ଜନ୍ମଜୟନ୍ତୀ ପାଳନ କରାଯିବ ।ଏହି ଅବସରରେ ସଂଗୃହୀତ ମାଟିକୁ ପ୍ରଥମେ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିରରେ ରଖାଯିବା ପରେ ରାଜ୍ୟର ସମସ୍ତ ଜିଲ୍ଲାକୁ ପଠାଯିବ ବୋଲି ସୂଚନା ମିଳିଛି । ବାଲେଶ୍ୱର ରେଳ ଷ୍ଟେସନ୍‌ରେ ଆୟୋଜିତ ସ୍ୱାଗତ କାର୍ଯ୍ୟକ୍ରମରେ ବାଲେଶ୍ୱର ଟୋଲିର ମୁଖ୍ୟ ତଥା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡାଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସମ୍ପାଦକ ରାଜେଶ ମହାପାତ୍ର, ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ, ଚିତରଞ୍ଜନ ପଣ୍ଡା, ରଣଜିତ ପୃଷ୍ଟି, ସ୍ୱର ଝଙ୍କାର ସେଠୀ, ଆଶ୍ରିତା ତରେଇ, ସମୟ ଟୁଡୁ, ମିହିର ମାଝୀ, ନିରୋଜ ବେହେରା, ସନ୍ଧ୍ୟାରାଣୀ ବେହେରା ଓ ସୁମନ୍ତ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ ।

# ରେମୁଣା ବନ୍ୟା କ୍ଷୟକ୍ଷତି ନେଇ ବିଧାୟକଙ୍କ ସମୀକ୍ଷା, ଶୀଘ୍ର ଆକଳନ ଓ ସହାୟତା ପାଇଁ ନିର୍ଦ୍ଦେଶ



ରେମୁଣା(ନିପ୍ର): ରେମୁଣା ବ୍ଲକରେ ବନ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ ବୈଠକରେ ବିଡିଓ ସାର୍ଥକ ସୌରଭ ମହାପାତ୍ର, ତହସିଲଦାର ବର୍ଷା ପରିଡ଼ାଙ୍କ ସମେତ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ପାନୀୟ ଜଳ, ଯୋଗାଣ, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଏବଂ ବିଭିନ୍ନ ରାଜସ୍ୱ ସର୍କଲର ଆରଆଇ ଓ ସୁପରଭାଇଜରମାନେ ଯୋଗଦେଇଥିଲେ । ବୈଠକରେ ବିଧାୟକ ଶ୍ରୀ ଦାସ ବନ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ କରି ଶୀଘ୍ର ରିପୋର୍ଟ ପ୍ରସ୍ତୁତ କରିବା ସହ ପ୍ରଭାବିତଙ୍କୁ ଆବଶ୍ୟକ ସହାୟତା ପହଂଚାଇବାକୁ ନିର୍ଦ୍ଦେଶ ଦେଇଥିଲେ । କୃଷି ବିଭାଗର ସୂଚନାନୁସାରେ ବ୍ଲକରେ ୨,୩୭୦ ହେକ୍ଟର ଜମିରେ ଧାନ ଚାଷ ଏବଂ ୨୨୮ ହେକ୍ଟରରେ ତଳି ପଡ଼ିଥିଲା । ସେଥିମଧ୍ୟରୁ ୧,୫୧୪ ହେକ୍ଟର ଜମି ଏବେ ମଧ୍ୟ ଜଳମଗ୍ନ ରହିଥିବାରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବା ପରେ କ୍ଷୟକ୍ଷତିର ସଠିକ୍ ଚିତ୍ର ସାମ୍ନାକୁ ଆସିବ ବୋଲି କୁହାଯାଇଛି । ମତ୍ସ୍ୟ ବିଭାଗର ତଥ୍ୟ ଅନୁଯାୟୀ ତାଳପଦା, ଇଂଚୁଡ଼ି, ତୁଣ୍ଡରା, ଶ୍ରୀଜଙ୍ଗ ଓ ମହାରାଜପୁର ପଂଚାୟତର ପ୍ରାୟ ୨୫ ହେକ୍ଟର ଅଂଚଳରେ ମାଛ ଚାଷ କ୍ଷତିଗ୍ରସ୍ତ ହୋଇଛି । ସେହିପରି ୩୦ ହଜାରରୁ ଅଧିକ ଗାଈ, ମଇଁଷି, ଛେଳି ଓ ମେଣ୍ଢା ବନ୍ୟା ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ପାଇଁ ପଶୁଖାଦ୍ୟ ବିତରଣ କରାଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ୪୪ କ୍ୱିଂଟାଲ ଚୁଡ଼ା ଓ ସାଢ଼େ ୪ କ୍ୱିଂଟାଲ ଗୁଡ଼ ବ[ନ କରାଯାଇଥିବାବେଳେ ୨,୪୦୧ ପରିବାରର ୯,୧୫୭ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । ବର୍ତ୍ତମାନ ମଧ୍ୟ ୧୧ଟି ମାଗଣା ରୋଷେଇ କେନ୍ଦ୍ର (ଫ୍ରି କିଚେନ) ଚାଲୁ ରହିଛି । ଏଥିସହ ୨୫୦ ପରିବାରକୁ ପଲିଥିନ ବିତରଣ କରାଯାଇଥିବା ବେଳେ ଅଧିକ ଚୁଡ଼ା ଓ ଗୁଡ଼ ମଗାଯାଇଛି । ଭାଙ୍ଗିଯାଇଥିବା ଘରର ସଠିକ୍ ଆକଳନ ଏପର୍ଯ୍ୟନ୍ତ ସରିନଥିବା ବେଳେ ଆରଆଇମାନଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ଜାରି ରହିଛି । ବନ୍ୟା ପ୍ଲାବିତ ଅଂଚଳରେ ବ୍ଲିଚିଂ ପାଉଡର ଓ ହେଲୋଜିନ ବଟିକା ବଂଟନ, ନଳକୂପ ଚାରିପାଖ ସଫାସୁତରା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ଶିଶୁମାନଙ୍କୁ ଝାଡ଼ା-ବାନ୍ତି ଭଳି ଜଳବାହିତ ରୋଗରୁ ସୁରକ୍ଷିତ ରଖିବା ପାଇଁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସତର୍କ ରହିବାକୁ କୁହାଯାଇଥିଲା । ଏହାଛଡ଼ା ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟର ଶୀଘ୍ର ଆକଳନ କରି ସରକାରଙ୍କ ନିକଟକୁ ରିପୋର୍ଟ ପଠାଇବାକୁ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ, ଯାହାଫଳରେ ଆବଶ୍ୟକ ଅନୁଦାନ ମିଳିବାରେ ସୁବିଧା ହେବ ।

# ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ସଦର ବିଧାୟକଙ୍କ ବନ୍ୟାଂଚଳ ଗସ୍ତ






ବାଲେଶ୍ୱର(ନିପ୍ର): ଲଘୁଚାପ ଜନିତ ଉତର ଓଡିଶାରେ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ବି ଏ ଯାବତ ଅନେକ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି । ବିଗତ ୩ଦିନ ଧରି ବନ୍ୟା ପ୍ରଭାବିତ ପଂଚାୟତକୁ ବୋଟ ବା ଡଙ୍ଗା ଯୋଗେ ସଦର ପହଂଚି ଲୋକଙ୍କୁ ଆଶ୍ୱସ୍ତି ଦେବା ନେଇ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବିଧାୟକ ମାନସ କୁମାର ଦତ । ଏହି କ୍ରମରେ ବିଧାୟକ ଶ୍ରୀ ଦତ ଶୁକ୍ରବାର ପ୍ରଥମେ ବାହାବଳପୁର ପଂଚାୟତର ନୂଆଗାଁ ଗ୍ରାମରେ ପହଂଚି ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି । ଏହା ସହିତ ବର୍ତ୍ତମାନ ସୁଦ୍ଧା ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ୍ୟ ବିଧାୟକ ଶ୍ରୀ ଦତ ଗୁରୁତ୍ୱାରୋପ କରିଛନ୍ତି । ପରେ ଏଣ୍ଡ୍ରାଇ ଓ ରାଘବପୁର ଗ୍ରାମରେ ଘରକୁ ଘର ବୁଲି ବିଧାୟକ ଶ୍ରୀ ଦତ ଲୋକଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ବାହାବଳପୁର ପଂଚାୟତରରେ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି ବୋଲି ବିଧାୟକ ଶ୍ରୀ ଦତ ସୂଚନା ଦେଇଛନ୍ତି । ସେହିପରି ଜଳକା ନଦୀ ବନ୍ୟା ଜଳ ଘେରରେ ଥିବା ଛାନୁଆ ପଂଚାୟତର ଭଦ୍ରସିଆ ଗ୍ରାମରେ ପହଂଚି ସ୍ଥିତି ଅନୁଧ୍ୟାନ ସହ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ ବିଧାୟକ ଶ୍ରୀ ଦତ । ଏହା ସହିତ ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ପରେ ସବୁଠାରୁ ଅଧିକ ବନ୍ୟାପ୍ରବଣ ଅଂଚଳ ଛାନୁଆ ପଂଚାୟତର ଗୋବରା ଗ୍ରାମରେ ପହଂଚିଥିଲେ ବିଧାୟକ ଶ୍ରୀ ଦତ ।ଏହି ଅବସରରେ ତାଙ୍କ ସହ ସ୍ଥିତି ପରିଖିବା ପାଇଁ ଯାଇଥିଲେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ । ବିଧାୟକଙ୍କ ସହ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ତହସିଲଦାର ଏନଡିଆରଏଫ ବୋଟ ଯୋଗେ ଯାଇ ଗୋବରା ଗ୍ରାମର ଜନଜୀବନ ଏବଂ ଚାଷର କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ବନ୍ୟା ପିଡ଼ିତଙ୍କ ସହ ଆଲୋଚନା କରିଥିଲେ । ଗ୍ରାମର ଅଧିକାଂଶ ଘର ଜଳବନ୍ଦୀ ଅବସ୍ଥାରେ ଥିବାରୁ ସ୍ଥାନୀୟ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇଦେବା ଉପରେ ଉଭୟ ବିଧାୟକ ଓ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସେମାନେ ବନ୍ୟା ପିଡ଼ିତଙ୍କୁ ରନ୍ଧାଖାଦ୍ୟ ବଂଟନ କରିଥିଲେ । ପ୍ରତ୍ୟେକ ବନ୍ୟା ପିଡିତଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ରିଲିଫ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ ସୂଚନା ଦେଇଛନ୍ତି । ବନ୍ୟା ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରହିବା ଏବଂ ସମସ୍ତ ପ୍ରକାର ସହାୟତା ପହଂଚାଇବା ପାଇଁ ଆମେ ସଦା ତତ୍ପର ରହିଛୁ ବୋଲି ସେ କହିଛନ୍ତି ।

# ମାଙ୍କପଲ୍ଲୀରେ ରୋଟାରୀ କ୍ଲବ ପକ୍ଷରୁ ଚାରା ବଂଟନ କାର୍ଯ୍ୟକ୍ରମ

ନୟାଗଡ(ନପ୍ର): ନିକଟସ୍ଥ ମାଙ୍କପଲ୍ଲୀ ଗ୍ରାମରେ ରୋଟାରୀ କ୍ଲବ ପକ୍ଷରୁ ଏକ ଚାରା ବଂଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବର ସଭାପତି ବାସୁଦେବ ସାହୁ ଏବଂ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ ଗ୍ରାମବାସୀ ଏବଂ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ୨୦୦ରୁ ଅଧିକ ଅଁଳା, ଅମୃତଭଣ୍ଡା, ପିଜୁଳି, ଡାଳିମ୍ବ ଓ ସଜନା ଚାରା ବଂଟନ କରାଯାଇଥିଲା । ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣ ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରୋଟାରିଆନ ପ୍ରଶନ୍ନ ବସନ୍ତିଆ, ପ୍ରକାଶ ପଟ୍ଟନାୟକ, ମିହିର ନାୟକ, ଜି ରଶ୍ମିରାଜ, ମଦନ ମୋହନ ମହାପାତ୍ର, ଶ୍ରୀଧର ସାହୁ, ପ୍ରବୀର ପୃଷ୍ଟି, ଅବିନାଶ ସାହୁ, ଦେବାଶିଷ ପଟ୍ଟନାୟକ, ଭାଗିରଥି ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ମାଙ୍କପଲ୍ଲୀ ଗ୍ରାମର ସଭାପତି, ସମ୍ପାଦକ ଏବଂ ସାମାଜିକ କର୍ମୀମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଉପସ୍ଥିତ ଗ୍ରାମବାସୀମାନେ ରୋଟାରୀ କ୍ଲବର ଏହି ପରିବେଶ ସୁରକ୍ଷାମୂଳକ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ୧୪୦ଗ୍ରାମ୍ ହେରୋଇନ ଜବତ

କଟକ(ନିପ୍ର): କଟକର ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ୟୁନିଟ୍ ହେଡ୍ କମଳ ଲୋଚନ ପାଇକରାୟ ଏବଂ ତାଙ୍କ ଟିମ୍ ଚଢ଼ାଉ କରାଯାଇଥିଲା । ଏହି ଟିମ୍ ଦ୍ୱାରା ପି ଆର ନଂ ୨୨/୨୬-୨୭ ର ଏନ ଡି ପି ଏସ ଆଇନ ୧୯୮୫ର ଧାରା ୨୧ (ବି) ଅନୁଯାୟୀ ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ବିଜୁ ପଟ୍ଟନାୟକ ଛକ ଅଂଚଳର ସୁଧୀର ବସ୍ତିଆଙ୍କ ପୁଅ ଅଭିଯୁକ୍ତ ଜିତେନ୍ଦ୍ର ବସ୍ତିଆକୁ (୪୮ବର୍ଷ)ଯୋବ୍ରା ଦୁର୍ଗା ମଣ୍ଡପ ସାମ୍ନାରେ ଥିବା ରାସ୍ତାରେ ଆଜି ଅପରାହ୍ନ ୧୨.୩୫ମିନିଟ୍ ସମୟରେ ଗିରଫ କରି ୧୪୦ ଗ୍ରାମ ହେରୋଇନ (ଯାହାର ମୂଲ୍ୟ ୧୫,୨୦୦୦ ଟଙ୍କା)ସହିତ ଏକ ବଜାଜ ପଲସର ଗାଡ଼ି ନମ୍ବର ଓ ଡି ୦୫ ସି ଜେ ୨୯୧୮ ଜବତ କରାଯାଇଥିଲା । ଅଭିଯୁକ୍ତକୁ ଗିରଫ କରାଯାଇ ମାନ୍ୟବର ଜିଲ୍ଲା ଜଜ୍ କୋର୍ଟକୁ ପଥାଇଦିଆଯାଇଥିଲା ।





ଶିକ୍ଷିତ ଲୋକଙ୍କ ରୂପ ନୁହେଁ, ବରଂ ତା'ର ଗୁଣ ହିଁ ପ୍ରଶଂସାର ପାତ୍ର ହୁଏ କେବଳ ମୁର୍ଖମାନେ ହିଁ ନିଜ ରୂପ ଚର୍ଯ୍ୟାରେ ସମୟ ଅତିବାହିତ କରନ୍ତି ।

# ଆଜିକାଲି




ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପଲୁତେତାଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ବର୍ଷା ଓ ବନ୍ୟାର ତାଣ୍ଡବ

କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ', 'ଜଳ ବହୁଳେ ସୃଷ୍ଟି ନାଶ', ଅର୍ଥାତ ଜଳାଭାବ ଜୀବଜଗତ ଧ୍ୱଂସର କାରଣ ହୋଇଥିବା ବେଳେ ଜଳ ବହୁଳ ଦ୍ୱାରା ବନ୍ୟା ତାଣ୍ଡବ ସୃଷ୍ଟି କରି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ । ଚଳିତ ବର୍ଷ ଏଲ-ନିନୋ ଦ୍ୱାରା ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବିତ କରିବା ସହ ଦେଶର ବହୁ ଭାଗରେ ଉତ୍କଟ ମରୁଡି ପରିସ୍ଥିତି ସୃଷ୍ଟି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସମେତ ବିଶ୍ୱର ବହୁ ପାଣିପାଗ ମଡେଲ ଚେତାବନୀ ଦେଇଛନ୍ତି । ଯାହାକି ଭାରତୀୟ କୃଷି ଓ କୃଷକଙ୍କ ପାଇଁ ଆତଙ୍କର କାରଣ ହୋଇଥିବାବେଳେ ଚଳିତ ବର୍ଷ ମୌସୁମୀ ବିଳମ୍ବରେ ଆସିଥିବା ସତ୍ୱେ ଜୁନ ଶେଷ ଭାଗ ଜୁଲାଇ ମାସରେ ଦେଶର ବିଭିନ୍ନ ଅଂଚଳରେ ଜଳ ପ୍ରଳୟ ସୃଷ୍ଟି କରିଛି । ଆସାମରେ ପ୍ରଳୟଙ୍କ ବନ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକ ବିପନ୍ନ ହୋଇଥିବାବେଳେ ହଜାର ହଜାର ଚାଷ ଜମି ଜଳମଗ୍ନ ହୋଇଛି । ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୮୦ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି । କେବଳ ଆସାମ ନୁହେଁ, ଦିଲ୍ଲୀ ସମେତ ଉତର ଭାରତର ବହୁ ରାଜ୍ୟ, ମହାରାଷ୍ଟ୍ର ମଧ୍ୟପ୍ରଦେଶରେ ମୌସୁମୀର ତାଣ୍ଡବ ଜନଜୀବନକୁ ଠପ୍ କରିଦେଇଥିଲା । ଜୁଲାଇ ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ଆଇଏମଡି ରିପୋର୍ଟ କହେ । ଆମ ରାଜ୍ୟରେ ମୌସୁମୀ ଏକ ପ୍ରକାର ପ୍ରଭାବହୀନ ହୋଇଥିବାବେଳେ ଲଘୁଚାପ ଜନିତ ବର୍ଷା ରାଜ୍ୟର ଅର୍ଦ୍ଧାଧିକ ଅଂଚଳକୁ ପ୍ରଳୟଙ୍କାରୀ ବନ୍ୟା ମଧ୍ୟକୁ ଠେଲି ଦେଇଛି । ରାଜ୍ୟର ଉପକୂଳବର୍ତୀ ଅଂଚଳ ଠାରୁ ଆରମ୍ଭ କରି ଉତରାଚଂଳ, ଆଭ୍ୟନ୍ତରୀଣ ଓ ପଶ୍ଚିମାଚଂଳରେ ପ୍ରବଳବର୍ଷା ଯୋଗୁଁ କେବଳ ଜନଜୀବନ ଠପ୍ ହୋଇନାହିଁ, ବହୁ ନଦୀରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ବୈତରଣୀ, ଜଳକା, ବୁଢାବଳଙ୍ଗ ନଦୀରେ ବଡ ବନ୍ୟା ଯୋଗୁଁ ୫ ଜିଲ୍ଲା ତଥା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ୫ଲକ୍ଷ ୨୬ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ପାଂଚ ଜିଲ୍ଲାର ୫୪ଟି ବ୍ଲକ, ୬ଟି ସହରାଚଂଳ, ୩୭୯ଟି ଗ୍ରାମ ପଂଚାୟତର ୧୫୯୧ଟି ଗ୍ରାମ ଜଳବନ୍ଦୀ ହୋଇରହିଛି । ହଜାର ହଜାର ଚାଷ ଜମି ଜଳମଗ୍ନ ହେବା ସହ ଚାଷ ଓ ପନିପରିବା ଚାଷ ଉଜୁଡି ଯିବା ଆଶଙ୍କା ସୃଷ୍ଟି କରିଛି । ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୪ଜଣଙ୍କର ମୃତ୍ୟୁ ଘଟିଛି । ଉଦ୍ଧାର ରିଲିଫ କାର୍ଯ୍ୟରେ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବାହିନୀକୁ ନିୟୋଜିତ ହୋଇଛନ୍ତି । କେବଳ ଏହି ୫ଟି ଜିଲ୍ଲା ନୁହେଁ, ଗତ ଦୁଇଦିନ ଧରି ସମ୍ବଲପୁର, ଝାରସୁଗୁଡା, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି । ହୀରାକୁଦର ସମସ୍ତ ଗେଟକୁ ବନ୍ଦ କରି ଦିଆଯାଇଥିବା ସତ୍ୱେ ତିନିଆ ଅଂଚଳରେ ବନ୍ୟା ନେଇ ସରକାର ସତର୍କ ସୂଚନା ଜାରି କରିଛନ୍ତି । ଏବେ ମୁଣ୍ଡଳୀ ଠାରୁ ୯ଲକ୍ଷ କ୍ୟୁସେକ ଜଳ ପ୍ରଭାବିତ ହେଉଥିବା ସମୟରେ ଉପରମୁଣ୍ଡରେ ବର୍ଷା ଯୋଗୁଁ ଜଳପ୍ରବାହ ବଢିବା ଆଶଙ୍କା କରାଯାଏ । ଏହାଦ୍ୱାରା କଟକ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡାରେ ବଡ ଧରଣର ବନ୍ୟା ଆଶଙ୍କା ଦେଖାଦେଇଛି । ଯାହାଦ୍ୱାରା ନଦୀକୂଳିଆ ଗାଁଗୁଡିକ ପ୍ରଭାବିତ ହେବ । ନରାଜରେ ଯଦି ବନ୍ୟା ଜଳ ୧୦ଲକ୍ଷ କ୍ୟୁସେକକୁ ବୃଦ୍ଧି ପାଏ, ବଡ ବନ୍ୟା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ଉଲ୍ଲେଖଯୋଗ୍ୟ ଯେ, ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ହାରାହାରୀ ଜୁଲାଇ ମାସରେ ବର୍ଷା ପରିମାଣ ଦୁଇଗୁଣ ହୋଇଥିବା କୁହାଯାଏ । ସେହିପରି ବନ୍ୟାଜଳ ଘେରରେ ଥିବା ଲୋକମାନଙ୍କ ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର ଖାଦ୍ୟ, ଔଷଧ, ପାନୀୟଜଳ ଆଦି ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଜରୁରୀ । ଏଥିପ୍ରତି ସରକାର ଓ ପ୍ରଶାସନ ସଜାଗ ରହିବା ଉଚିତ, ଯେପରି ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ।

# ଚିର ନମସ୍ୟ ସତ୍ୟନାରାୟଣ ବହିଦାର

◆ ଦଶରଥ ହେମ୍ବ୍ରମ୍



ପ୍ରତିବର୍ଷ ଅଗଷ୍ଟ ପହିଲାକୁ 'ସମ୍ବଲପୁର ଦିବସ' ଭାବେ ପଶ୍ଚିମ ଓଡ଼ିଶା ୨୦୧୩ ମସିହାରୁ ପାଳନ କରିଆସୁଅଛି ।ଇଂରାଜୀତାରିଖ ଅନୁସାରେ ଏହି ଦିନରେ ଗୁରୁସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ଜନ୍ମତିଥି । ତେଣୁତାଙ୍କରସ୍ମୃତିରେ ପଶ୍ଚିମ ଓଡ଼ିଶାରକୋଣ-ଅନୁକୋଣରେବସବାସ କରିଥିବାଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଆନନ୍ଦ ଓ ଉଦ୍ଦୀପନା ସହକାରେ 'ସମ୍ବଲପୁର ଦିବସ' ପାଳନ କରିଥାନ୍ତି । ୧୯୧୩ ମସିହା ଅଗଷ୍ଟ ୧ ତାରିଖରେ ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରସୋନପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କବାପାଙ୍କ ନାମମିତ୍ରଭାନୁବହିଦାର ଓ ମାତାଙ୍କ ନାମ ଥିଲାବିଳାସବତୀ । ଯେତେବେଳେ ସତ୍ୟନାରାୟଣ ବହିଦାରଙ୍କରବୟସମାତ୍ର ୬ ବର୍ଷହୋଇଥିଲା, ସେତେବେଳେ ତାଙ୍କମାତାଙ୍କର ଦେହାନ୍ତ ହେଇଥିଲା ।ତାଙ୍କ ପିତା ଜଣେ ସରକାରୀକିରାଣୀ ଥିବାରୁ ପାଠ ପଢ଼ିବାରେ ତାଙ୍କର କୌଣସିସମସ୍ୟାରେ ସମ୍ମୁଖୀନ ହୋଇନଥିଲା ।ସେସୋନପୁରରେ ଥିବା ପ୍ରାଥମିକବିଦ୍ୟାଳୟରୁ ପାଠପଢ଼ାସାରିବା ପରେସମ୍ବଲପୁରକୁ ଆସିଜିଲ୍ଲାସ୍କୁଲ, ସମ୍ବଲପୁରରେ ନାମଲେଖାଇ ପାଠ ପଢ଼ିଲେ । ସେଠାରୁ ୧୯୩୦ ମସିହାରେମାଟ୍ରିକ ପାସକରିଥିଲେ ।ତା'ପରେ କଟକ ତାଲିମବିଦ୍ୟାଳୟରେଶିକ୍ଷକ ତାଲିମନେଇଥିଲେ । ସଫଳତା ସହିତଶିକ୍ଷକତା ତାଲିମରୁଉତୀର୍ଣ୍ଣ ହେବା ପରେ ୧୯୩୨ ମସିହାରେ ସମ୍ବଲପୁର ଜିଲ୍ଲାସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ । ସେହିସମୟରୁ ସେ ସମ୍ବଲପୁରୀଶବ୍ଦକୋଷ, ବ୍ୟାକରଣ ପୁସ୍ତକ, ଅନୁବାଦ କବିତା ଓ ଜୀବନୀ ପୁସ୍ତକ ଆଦି ରଚନାକରିଥିଲେ । ସମ୍ବଲପୁରୀଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସକୁଉନ୍ନତିଏବଂ ସୁରକ୍ଷାରଖିବା ପାଇଁସମ୍ବଲପୁରୀ ଭାଷାରେଲେଖିବା ଆରମ୍ଭ କଲେ । ପଶ୍ଚିମ ଓଡ଼ିଶାରଲୋକ ମାନଙ୍କୁଜନଜାଗରଣକରିବା ପାଇଁ ଅନେକସାହିତ୍ୟିକସଂଗଠନ ସହିତଜଡ଼ିତହେଲେ ।ସ୍ୱତନ୍ତ୍ର ସମ୍ବଲପୁରୀଭାଷାରସୁରକ୍ଷାକରିବା ପାଇଁଲୋକମାନଙ୍କୁ ଅନୁବାଦ କବିତାମାଧ୍ୟମରେସଚେତନ କରାଇଥିଲେ । ତେଣୁସେ ଏକାଧାରରେ ମାତୃଭାଷାରକ୍ଷକ, ଜନନାୟକ, କବି, ଲେଖକ, ଦାର୍ଶନିକଏବଂ ଆଦର୍ଶଶିକ୍ଷକ । ସମ୍ବଲପୁରୀଭାଷାର ପ୍ରଚାର ଓ ପ୍ରସାର କରିବାସହିତ ସମ୍ବଲପୁରୀ ପୋଷାକ ନେଇଲୋକ ମାନଙ୍କମଧ୍ୟରେ ଜାଗରଣ ସୃଷ୍ଟିକରୁଥିଲେ ।ଖାଲିଏତିକି ନୁହଁ, ସମ୍ବଲପୁରୀ ଭାଷାରେ ଲେଖାଲେଖିକ ରିସେବେଶ୍‌ସୁନାମ ଅର୍ଜନ କରିଥିଲେଏବଂ ଅନ୍ୟମାନଙ୍କୁବି ନିଜଭାଷାରେଲେଖିବା ପାଇଁସେ ପ୍ରୋତ୍ସାହିତ କରୁଥିଲେ ।ତାଙ୍କର ଅମ୍ଳାନ କୃତିତ୍ୱହେଲା, ସମ୍ବଲପୁରୀବ୍ୟାକରଣ, ଫୁଲ୍‌ଚାର୍ଗୀ, ଘୁବକୁଡ୍, ଘାବଘାବୋ, ଟିକ୍‌ଚହଁରା, ସମ୍ବଲପୁରୀ ଚଉକିଆଭଳି ଆହୁରି ଅନେକ ପୁସ୍ତକ ପ୍ରକାଶିତହୋଇଛି । ତେଣୁସମ୍ବଲପୁରୀଭାଷା ଓ ସାହିତ୍ୟ ପ୍ରତିତାଙ୍କରତ୍ୟାଗ ଓ ବଳିଦାନ ପାଇଁସାରା ପଶ୍ଚିମ ଓଡ଼ିଶା ଅଗଷ୍ଟ ପହିଲାକୁସମ୍ବଲପୁରୀ ଦିନ ଭାବେ ପାଳନ କରୁଛି । ପ୍ରତିବର୍ଷ ଅଗଷ୍ଟ ପହିଲାରେ ପୂରା ପଶ୍ଚିମା□ଳ ଉତ୍ସବମୁଖର ହୋଇପଡ଼େ । ସମ୍ବଲପୁରି ଆଭାବେଗର୍ବକରୁଥିବା ପ୍ରତିଟିମଣିଷଏହି ଦିନରେ ସମ୍ବଲପୁରୀବସ୍ତ୍ର ଏବଂସମ୍ବଲପୁରୀଖାଦ୍ୟ ଗ୍ରହଣକରିସମ୍ବଲପୁରୀ ଦିବସଉତ୍ସାହସହକାରେ ପାଳନ କରିବାସଙ୍ଗେବିଭିନ୍ନସାଂସ୍କୃତିକକାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥାଏ । ପଶ୍ଚିମ ଓଡ଼ିଶାରେ ରହୁଥିବା ସବୁବର୍ଗରଲୋକମାନଙ୍କ ପାଇଁସମ୍ବଲପୁରୀଭାଷା, ସଂସ୍କୃତି, କଳାଏବଂଐତିହ୍ୟ ସ୍ୱତନ୍ତ୍ର ଅଛି ।ଏହାକୁ ଆହୁରି ଅଧିକରୁ ଅଧିକ ପ୍ରଚାରଏବଂ ପ୍ରସାର କରିବାରେ ଏହି ଦିବସର ପ୍ରମୁଖଭୂମିକା ରହିଥାଏ । ବିଶେଷକରିସମ୍ବଲପୁରୀ ନୃତ୍ୟ, ଲୋକଗୀତ, ଲୋକକବିତା ଓ ସମ୍ବଲପୁରୀଶାଢ଼ୀର ଆଦର ଖୁବ୍‌ବେଶୀ, ଯାହାବର୍ତ୍ତମାନ ସମୟରେତାହା ଦେଶ ବିଦେଶରେସୁନାମ ଅର୍ଜନ କରିଛି । କିନ୍ତୁସମ୍ବଲପୁରୀ ଲୋକଗୀତକାନରେ ଯଦି ପଡ଼ିଯାଏ, ସତରେ ସେମତୁ ଆଲାହୋଇସେହିଗୀତରତାଳେତାଳେସେ ନାଚିଉଠେ ।ତେଣୁସମ୍ବଲପୁର ଏକ କଳାସଂସ୍କୃତିରସହରକହିଲେ ଅତ୍ୟୁକ୍ତିହେବନାହିଁ । ଯାହାରଜ୍ୱଳନ୍ତ ଉଦାହରଣହେଲା, ରଙ୍ଗବତୀଗୀତ । ଏହିଗୀତସମଗ୍ରବିଶ୍ୱକୁ ଦୋହଲାଇ ଦେଇଥିଲା । ଏଥିପାଇଁଭାରତ ସରକାରଙ୍କ ଦ୍ୱାରାରଙ୍ଗବତୀ ଗୀତଗାଇଥିବା ଶ୍ରୀଜିତେନ୍ଦ୍ରହରିପାଲଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନ କରାଯାଇଥିଲା । ଖାଲିଏତିକିରେସମ୍ବଲପୁରସୀମିତ ନୁହେଁ, ଭୌଗୋଳିକଏବଂ ଧାର୍ମିକ ଦୃଷ୍ଟିକୋଣରେ ମଧ୍ୟ ସମ୍ବଲପୁରୀ ଯୁଗେଯୁଗେ ଧନଶାଳୀ । ସମ୍ବଲପୁରୀଭାଷାଓଡ଼ିଆଭାଷାଠାରୁ ଅଲଗା ଏବଂ ସମ୍ବଲପୁରୀ ଭାଷାରେ ସ୍ୱତନ୍ତ୍ର ବ୍ୟାକରଣ ଅଛି, ଏଇ କଥା ନିଜଗୀତ, ଗଳ୍ପ ତଥା କବିତାମାଧ୍ୟମରେ ସ୍ୱର୍ଗତ ଗୁରୁସତ୍ୟନାରାୟଣ ପ୍ରକାଶ କରିଥିଲେ ।ସେ ସମ୍ବଲପୁରୀ ଶବ୍ଦକୋଷ ଏବଂବ୍ୟାକରଣ ଲେଖିସମ୍ବଲପୁରୀ ଭାଷାସାହିତ୍ୟକୁ ସମୃଦ୍ଧିକରିବାର ନୂଆରାସ୍ତା ଦେଖାଇଥିଲେ । ଏଥିପାଇଁସେ ବିଭିନ୍ନ ଭାଷା ଓ ସାହିତ୍ୟ ଅନୁଷ୍ଠାନରୁ ସମ୍ମାନର ଅଧିକାରୀ ହୋଇଥିଲେ । ସମ୍ବଲପୁରୀଭାଷା ଓ ସାହିତ୍ୟ ପାଇଁତାଙ୍କର ଆପ୍ରାଣ ଉଦ୍ୟମ ଏବଂକଠିନ ପରିଶ୍ରମକୁ ଲକ୍ଷ୍ୟକରି ୧୯୭୨ ମସିହାରେଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରାତାଙ୍କୁ ସମ୍ବର୍ଦ୍ଧିତକରାଯାଇଥିଲା । ସେହିପରି ୧୯୭୬ ମସିହାରେ ରାଜ୍ୟଶିଶୁ-ସାହିତ୍ୟ ସମିତି ପୁରସ୍କାର (ତାମ୍ର ଫଳକ) ଏବଂ ୧୯୮୦ ମସିହାରେ ଭରତଚନ୍ଦ୍ରସ୍ମୃତି ପୁରସ୍କାର (ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ)ରେ ସମ୍ମାନିତ କରାଯାଇଥିଲା । ଏଭଳି ମହାତ୍ମା, ଗୁରୁ, ଭାଷାରକ୍ଷକ, ମହାନ ଶିକ୍ଷକ ସତ୍ୟନାରାୟଣବହିଦାର ୧୯୮୦ ମସିହାଡିସେମ୍ବର ୩୧ ତାରିଖରେ ପରଲୋକ ହୋଇଥିଲା । ଏହିମହାନ ବ୍ୟକ୍ତିଙ୍କ କର୍ମମୟଜୀବନର ଅବସାନ ପରେସେ ପାଲଟି ଯାଇଛନ୍ତି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁମହାନ ପୁରୁଷ । ତେଣୁ ଏଭଳି ମହାତ୍ମାଙ୍କୁ କୋଟିକୋଟି ପ୍ରଣାମ ।

*ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ -୯୩୩୭୪୦୪୨୫୪*

# ଜନ୍ମ ଜୟନ୍ତୀ କମଳା ନେହେରୁ

◆ ତପସ୍ୱିନୀ ପଟ୍ଟନାୟକ



ଜଣେ ଦେଶପ୍ରେମୀ, ଆଦର୍ଶବାଦୀ, ବୁଦ୍ଧିମତୀ ତଥା ସମ୍ବେଦନଶୀଳ ନାରୀ ଭାବେ କମଳା ନେହେରୁ ପ୍ରଖ୍ୟାତ । ଜବାହାରଲାଲ ନେହେରୁଙ୍କ ଧର୍ମପତ୍ନୀ ଏବଂ ଇନ୍ଦିରା ଗାନ୍ଧୀଙ୍କ ମା' ହେଉଛନ୍ତି କମଳା ନେହେରୁ । ଦିଲ୍ଲୀ ସୁନ୍ଦରୀ ଭାବେ ସେ ବେଶ ଜଣାଶୁଣା । ଜଣେ ସାମାଜିକ କର୍ମକର୍ତା ଭାବେ କମଳା ନେହେରୁ ସୁପରିଚିତା । ସମାଜରେ ନାରୀଙ୍କ ଅଧିକାରଙ୍କ ପାଇଁ ଲଢ଼ିବାରେ ସେ ସର୍ବଦା ଚେଷ୍ଟିତ ଥିଲେ । ସ୍ୱାଧୀନତା ଆନ୍ଦୋଳନ ବେଳେ ଇଂରେଜମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାରେ କମଳା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶିଖିବା ପାଇଁ ତାଙ୍କ ମନରେ ଦୃଢ଼ ଇଚ୍ଛାଶକ୍ତି ରହିଥିଲା ତେଣୁ ରୋଗୀଗ୍ରସ୍ତ ଥାଇ ମଧ୍ୟ ସେ ଉର୍ଦ୍ଦୁଭାଷା ଶିକ୍ଷା କରିଥିଲେ । ୧୮୯୯ ମସିହା ଅଗଷ୍ଟ ୧ ତାରିଖ ଆଜିର ଦିନରେ ଏକ ରୁଢ଼ିବାଦୀ କାଶ୍ମୀର ପଣ୍ଡିତଙ୍କ ଘରେ କମଳାଙ୍କ ଜନ୍ମ । ମା'ରାଜେଶ୍ୱରୀ ଓ ପିତା ଅତୁଳ କୌଲଙ୍କ ଜ୍ୟେଷ୍ଠା କନ୍ୟା ଥିଲେ କମଳା । ତାଙ୍କର ଦୁଇ ଭାଇ ଓ ଜଣେ ଭଉଣୀ ଥିଲେ । ଜଣେ ପଣ୍ଡିତ ଓ ମୌଲବୀଙ୍କ ମାର୍ଗଦର୍ଶନରେ ସେ ଘରେ ହିଁ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ୧୯୧୬ ମସିହା ଫେବୃଆରୀ ୮ ତାରିଖରେ ୧୭ ବର୍ଷ ବୟସରେ ତାଙ୍କ ବିବାହ ୯ବର୍ଷ ବଡ଼ ଜବାହାରଲାଲ ନେହେରୁଙ୍କ ସହ ହୋଇଥିଲା । ୧୯୧୭ ମସିହାରେ ସେ ଇନ୍ଦିରା ପ୍ରିୟଦର୍ଶିନୀ ନାମ୍ନୀ କନ୍ୟାଙ୍କୁ ଜନ୍ମ ଦେଇ ଥିଲେ । ଯିଏ ପରେ ଭାରତର ପ୍ରଧାନମନ୍ତ୍ରୀ ହୋଇ ଥିଲେ । ସ୍ୱାଧୀନତା ଆନ୍ଦୋଳନରେ କମଳା ସ୍ୱାମୀ ଜବାହାରଲାଲ ନେହେରୁଙ୍କ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରୁଥିଲେ । ଆନ୍ଦୋଳନ ବେଳେ ଜବାହାରଲାଲଙ୍କୁ କିଛି ବର୍ଷ ଜେଲ ଯିବାକୁ ପଡ଼ିଥିଲା । ସେତେବେଳେ ନେହେରୁ ପରିବାରର ପୈତୃକ ଘର ସ୍ୱରାଜ ଭବନରେ କମଳା ଏକ ଡାକ୍ତରଖାନା ସ୍ଥାପନ କରିଥିଲେ । ସେଠାରେ ସେ ଗରିବ ଲୋକଙ୍କୁ ଚିକିତ୍ସା କରିବା ସହ ସେମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ପ୍ରବର୍ତାଉ ଥିଲେ । ବିଦେଶୀ ପୋଷାକକୁ ବର୍ଜନ କରି ସ୍ୱଦେଶୀ ଖଦୀ ବ୍ୟବହାର କରିବା ପାଇଁ ସେ ଲୋକଙ୍କୁ ବୁଝାଉ ଥିଲେ । ସ୍ୱତନ୍ତ୍ରତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସରୋଜିନୀ ନାଇଡୁ ଓ ନେହେରୁଙ୍କ ମା'ଙ୍କୁ ଦେଶଦ୍ରୋହ ଅଭିଯୋଗରେ ପୁଲିସ ଗିରଫ କରିବା ପରେ ସେମାନଙ୍କୁ ମୁକୁଳାଇବା ପାଇଁ କମଳା ନେହେରୁ ଆନ୍ଦୋଳନ କରିଥିଲେ । ହଜାର ହଜାର ଲୋକଙ୍କ ପାଇଁ ଲଢୁଥିବା କମଳା ଶେଷରେ ଟିବି ରୋଗ ସାମ୍ନାରେ ହାର ମାନି ଯାଇଥିଲେ । ୧୯୩୬ ମସିହା ଫେବୃଆରୀ ୨୮ ତାରିଖରେ ସ୍ୱିଜରଲ୍ୟାଣ୍ଡରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । କମଳାଙ୍କ ମୃତ୍ୟୁ ପରେ ସେ ନିର୍ମାଣ କରିଥିବା ଡାକ୍ତରଖାନାକୁ କମଳା ନେହେରୁ ମେମୋରିଆଲ ହସ୍ପିଟାଲ ନାମରେ ନାମିତ କରାଯାଇଛି । ତାଙ୍କ ନାମରେ ଇନ୍ଦୋର ଠାରେ କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ କମଳା ନେହେରୁ କଲେଜ, ବାଙ୍ଗାଲୋର ରେ କମଳା ନେହେରୁ ଡିଗ୍ରୀ ଇଞ୍ଜିନିୟରିଂ କଲେଜ, ସୁଲତାନପୁର ରେ କମଳା ନେହେରୁ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, କମଳା ନେହେରୁ ପାର୍କ, ଭୁବନେଶ୍ୱରରେ କମଳା ନେହେରୁ ମହିଳା ମହାବିଦ୍ୟାଳୟ, ହାଇଦ୍ରାବାଦରେ କମଳା ନେହେରୁ ପଲିଟେକନିକ୍, ନାଗପୁରରେ ଶ୍ରୀରାମଦେଓବାବା କମଳା ନେହେରୁ ଇଞ୍ଜିନିୟରିଂ କଲେଜ, କେରଳରେ କମଳା ନେହେରୁ ମେମୋରିଆଲ ଭୋକେସନାଲ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ମାଣ କରାଯାଇଛି । କେବଳ ଏତିକି ନୁହେଁ ପାକିସ୍ଥାନର କରାଚୀରେ ମଧ୍ୟ କମଳା ନେହେରୁଙ୍କ ନାମରେ ଏକ ରାସ୍ତା ନାମିତ ହୋଇଛି ।

*ଶିକ୍ଷାବିତ୍, ମହାନଦୀ ବିହାର, କଟକ*

# ଲୋକମାନ୍ୟ ତିଳକ

◆ ଡ଼ଃ.ଅରୁନ୍ଧତୀ ଦେବୀ



ଲୋକମାନ୍ୟ ଭାବେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଓକିଲ ତଥା ସାମ୍ବାଦିକ ବାଲ ଗଙ୍ଗାଧର ତିଳକଙ୍କର ଆଜି ତିରୋଧାନ ଦିବସ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ନେତା । ବ୍ରିଟିଶ ଉପନିବେଶକାରୀ ମାନେ ତାଙ୍କୁ ଅବିଶ୍ରାନ୍ତ ପରିଶ୍ରମର ଜାତୀୟ ପିତା ବୋଲି କହୁଥିଲେ । ବ୍ରିଟିଶ ରାଜ କାଳରେ ପୂର୍ଣ୍ଣ ସ୍ୱରାଜର ଦାବି ପ୍ରଥମେ ସେ ଉଠାଇଥିଲେ । ତାଙ୍କର ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର, ମୁଁ ତାକୁ ନିଶ୍ଚୟ ହାସଲ କରିବି, ବାଣୀ ଆଜି ବି ଭାରତୀୟଙ୍କ ସ୍ମୃତିରେ ତାଜା ହୋଇରହିଛି । ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସ୍ଥିତ ବ୍ରାହ୍ମଣ ପରିବାରରେ ତିଳକଙ୍କ ଜନ୍ମ । ତାଙ୍କ ପିତା ଗଙ୍ଗାଧର ତିଳକ ଜଣେ ଶିକ୍ଷକ ତଥା ସଂସ୍କୃତ ବିଦ୍ୱାନ ଥିଲେ । ମାତ୍ର ୧୬ ବର୍ଷ ବୟସରେ ୧୮୭୧ରେ ତପିବାଈଙ୍କୁ ସେ ବିବାହ କରିଥିଲେ । ୧୮୭୨ରେ ମାଟ୍ରିକ ପରୀକ୍ଷା ଦେଇଥିଲେ । ପୁନେର ଡ଼େକାନ କଲେଜରେ ତିଳକ ସ୍ନାତକ ଏବଂ ୧୮୭୯ରେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ମରାଠୀରେ ମରାଠା ଦର୍ପଣ ଓ କେସରୀ ଦୁଇଟି ଦୈନିକ ସମ୍ବାଦ ସେ ଆରମ୍ଭ କରିଥିଲେ, ଯାହା ବେଶ ଲୋକପ୍ରିୟ ହୋଇ ଥିଲା । କଠୋର ଇଂରେଜ ଶାସନ ଓ ଭାରତୀୟ ସଂସ୍କୃତି ପ୍ରତି ହୀନ ଭାବନା ତାଙ୍କୁ ବିଚଳିତ କରିଥିଲା । ସେଥିପାଇଁ ପୂର୍ଣ୍ଣ ସ୍ୱରାଜ ପାଇବାକୁ ସେ ବିପ୍ଳବର ବହ୍ନି ଜାଳିଥିଲେ ଦେଶବାସୀଙ୍କ ମନରେ । ସେଥିପାଇଁ ବାରମ୍ବାର କାରାବରଣ ମଧ୍ୟ କରିଥିଲେ । ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇ ଥିଲେ ମଧ୍ୟ କଂଗ୍ରେସର ନରମପନ୍ଥୀ ଚିନ୍ତାଧାରାକୁ ସେ ବିରୋଧ କରିଥିଲେ । ଭାରତୀୟ ସମାଜରେ ଅନେକ ସୁଧାର ପାଇଁ ସେ ପ୍ରଯତ୍ନ ଥିଲେ । ସେ ବାଳ ବିବାହକୁ ବିରୋଧ କରୁଥିଲେ । ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ସେ ଜୋର ଦେଇଥିଲେ । ଭାରତୀୟ ସଂସ୍କୃତି, ପରମ୍ପରା ଓ ଇତିହାସ ଉପରେ ଲିଖିତ ତାଙ୍କ ଲେଖା ଭାରତୀୟଙ୍କ ମନରେ ଆଜି ବି ସ୍ୱାଭିମାନର ଭାବନା ଜାଗ୍ରତ କରେ । ୧୯୨୦ ମସିହା ଆଜିର ଦିନରେ ଏହି ଯୋଗଜନ୍ମା, ଯୁଗପୁରୁଷଙ୍କର ଦେହାନ୍ତ ହୋଇଥିଲା ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*

# ଓଡ଼ିଶାରେ ବନ୍ୟା ପରିସ୍ଥିତି ଓ ମୋହନ ସରକାରଙ୍କ ସଫଳ ମୁକାବିଲା

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଏକ ଦକ୍ଷ, ଦୂରଦୃଷ୍ଟିସମ୍ପନ୍ନ ଏବଂ ପ୍ରଶଂସନୀୟ ପଦକ୍ଷେପ ପ୍ରଦର୍ଶନ କରିଛନ୍ତି । ରାଜ୍ୟରେ ପ୍ରବଳ ବର୍ଷା ଏବଂ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇବା ପରେ ସରକାରଙ୍କ ସକ୍ରିୟ ତତ୍ପରତା ଯୋଗୁଁ ବଡ଼ ଧରଣର କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇପାରିଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ତିନି ଦିନ ଯାଏଁ ରାଜ୍ୟରେ ଆଉ ବର୍ଷାର ବିଶେଷ ସମ୍ଭାବନା ନାହିଁ ଏବଂ ଅଗଷ୍ଟ ୨ ତାରିଖ ପରେ ପୁନର୍ବାର ବର୍ଷା ହୋଇପାରେ ବ?ାଇ ଆକଳନ କରାଯାଇଛି, ଯାହାକି ବନ୍ୟା ପ୍ରଭାବିତ ଜନସାଧାରଣଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିର ବିଷୟ ଅଟେ । ବର୍ତ୍ତମାନର ସ୍ଥିତିକୁ ସମୀକ୍ଷା କରି ମୋହନ ସରକାର ପ୍ରମାଣ କରି ଦେଖାଇଛନ୍ତି ଯେ ଜନସାଧାରଣଙ୍କ ଜୀବନ ଏବଂ ସମ୍ପତିର ସୁରକ୍ଷା ସେମାନଙ୍କର ପ୍ରଥମ ଏବଂ ପ୍ରମୁଖ ପ୍ରାଥମିକତା ଅଟେ । ରାଜ୍ୟର ମୁଖ୍ୟ ନଦୀଗୁଡ଼ିକର ଜଳସ୍ତର ଉପରେ କ୍ରମାଗତ ଭାବେ ନଜର ରଖାଯାଇଥିବା ବେଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ନିକଟରେ ବିପଦ ସଙ୍କେତ ତଳେ ରହିଛି ଏବଂ ଉପରମୁଣ୍ଡରେ ବର୍ଷା କମିଯିବାରୁ ବୈତରଣୀରେ ବନ୍ୟା ଜଳ କମିବାରେ ଲାଗିଛି । ସେହିପରି ମୁଣ୍ଡଳୀରେ ସନ୍ଧ୍ୟା ସୁଦ୍ଧା ପ୍ରାୟ ୯ ଲକ୍ଷ କ୍ୟୁସେକ ଜଳପ୍ରବାହ ପ୍ରଭାବିତ ହେବାର ସମ୍ଭାବନା ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି । ଯାଜପୁର ଜିଲ୍ଲାରେ ଦୁଇ ଜଣ ଆହତ ହୋଇଥିବା ଖବର ମିଳିଥିବା ବେଳେ ସରକାରଙ୍କ ତରଫରୁ ସେମାନଙ୍କୁ ତୁରନ୍ତ ଚିକିତ୍ସା ଏବଂ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ମୋହନ ସରକାରଙ୍କ ସମୟୋଚିତ ପଦକ୍ଷେପ, ମନ୍ତ୍ରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମାଟିରେ ରହି କାର୍ଯ୍ୟ କରିବା ଶୈଳୀ ଏବଂ ତଳମୁଣ୍ଡର ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ବ୍ୟବସ୍ଥା ଓଡ଼ିଶାବାସୀଙ୍କୁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିଛି । ଏହି ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ଦାୟିତ୍ୱବୋଧ ଏବଂ ସଚେତନତା ସମଗ୍ର ରାଜ୍ୟରେ ପ୍ରଶଂସା ସୃଷ୍ଟି କରିଛି ଏବଂ ମୋହନ ସରକାରଙ୍କ ନେତୃତ୍ୱରେ ଓଡ଼ିଶା ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ, ତାହା ପୁଣିଥରେ ପ୍ରମାଣିତ ହୋଇଛି । ପ୍ରଶାସନିକ ଏବଂ ମନ୍ତ୍ରୀସ୍ତରୀୟ ତତ୍ପରତା: ରାଜ୍ୟରେ ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସିଧାସଳଖ ମାଟିରେ ବା ଗ୍ରାଉଣ୍ଡ ଜିରୋରେ ରହି ସ୍ଥିତିର ସମୀକ୍ଷା କରିଛନ୍ତି । ଅଧିକାରୀମାନେ ଭିଡିଓ କନଫରେନ୍ସିଂ ଜରିଆରେ ମଧ୍ୟ ପ୍ରଭାବିତ ଅଂଚଳରୁ ସିଧାସଳଖ ତଦାରଖ କରୁଛନ୍ତି, ଯାହାକି ସରକାରଙ୍କ ଦାୟିତ୍ୱବୋଧର ଏକ ପ୍ରକୃଷ୍ଟ ପ୍ରମାଣ ଅଟେ ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଓ ରିଲିଫ ବ୍ୟବସ୍ଥା: ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଭଳି ଅତି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରାୟ ୨ ଲକ୍ଷରୁ ଅଧିକ ଲୋକ ସିଧାସଳଖ ପ୍ରଭାବିତ ହୋଇଥିବାବେଳେ ପ୍ରାୟ ୩୦,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ରିଲିଫ୍ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକରେ ଶିଶୁ, ମହିଳା ଏବଂ ବୃଦ୍ଧବୃଦ୍ଧାଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଏବଂ ରନ୍ଧା ଖାଦ୍ୟର ଉତମ ବ୍ୟବସ୍ଥା କରାଯାଇଛି ସେହିପରି ରିଲିଫ୍ କେନ୍ଦ୍ରକୁ ଯାଇନଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । ନଦୀ ଜଳସ୍ତର ଏବଂ ଜଳପ୍ରବାହ ପରିଚାଳନା: ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତିଧ । ନରାଜ (ମୁଣ୍ଡଳୀ) ଠାରେ ସର୍ବାଧିକ ୯ ଲକ୍ଷ କ୍ୟୁସେକ ପର୍ଯ୍ୟନ୍ତ ଜଳପ୍ରବାହ ହେବାର ଆକଳନ କରାଯାଇଛି, ଯାହାକି ୧୦ ଲକ୍ଷ କ୍ୟୁସେକରୁ କମ୍ ହୋଇଥିବାରୁ ବଡ଼ ଧରଣର ବିପଦ ସୃଷ୍ଟି କରିବ ନାହିଁ ବୋଲି ଆଶ୍ୱାସନା ଦିଆଯାଇଛି ବୈତରଣୀ ନଦୀର ଜଳସ୍ତର ମଧ୍ୟ ଆଖୁଆପଦା ନିକଟରେ ବିପଦ ସଙ୍କେତ ତଳକୁ ଖସିଥିବାରୁ ସ୍ଥିତି କ୍ରମଶଃ ସୁଧୁରିବାରେ ଲାଗିଛି । ମୋହନ ସରକାରଙ୍କ ଦୂରଦୃଷ୍ଟି: ଆସନ୍ତା ୩ ଦିନ ଯାଏଁ ରାଜ୍ୟରେ ବର୍ଷା କମିବାର ସମ୍ଭାବନା ଥିବାରୁ ଏବଂ ଅଗଷ୍ଟ ୨ ପରେ ପୁନର୍ବାର ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଥିବାରୁ ପ୍ରଶାସନ ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଏହି ସମୟୋଚିତ ଏବଂ ଜନକଲ୍ୟାଣକାରୀ ପଦକ୍ଷେପ ଯୋଗୁଁ ରାଜ୍ୟବାସୀ ଏକ ବଡ଼ ବିପର୍ଯ୍ୟୟରୁ ରକ୍ଷା ପାଇପାରିଛନ୍ତି । ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ (ଢଉଜଜଇର) ଏବଂ ଅଗ୍ନିଶମ ବାହିନୀ (ଋସକ୍ସର ଝରକ୍ସଙ୍ଗସମରତ୍ମ) ର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଅଟେ । ରାଜ୍ୟରେ ଲଗାଣ ବର୍ଷା ଓ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇବା ପରେ ଏହି ବିପର୍ଯ୍ୟୟ ପ୍ରତିରୋଧକ ଦଳଗୁଡ଼ିକ ଯେପରି ଭାବେ 'ଗ୍ରାଉଣ୍ଡ ଜିରୋ'ରେ ନିଜର ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି, ତାହା ପ୍ରକୃତରେ ପ୍ରଶଂସାର ଯୋଗ୍ୟ । ତ୍ୱରିତ ଉଦ୍ଧାର କାର୍ଯ୍ୟ: ଜଳବନ୍ଦୀ ତଥା ବନ୍ୟା ପ୍ରଭାବିତ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀର ଯବାନମାନେ ଦିନରାତି ଏକ କରି କାମ କରୁଛନ୍ତି । ଜୀବନ ଓ ସମ୍ପତିର ସୁରକ୍ଷା: ବିପଦପୂର୍ଣ୍ଣ ପରିସ୍ଥିତିରେ ଫସି ରହିଥିବା ଶିଶୁ, ମହିଳା ଏବଂ ବୃଦ୍ଧବୃଦ୍ଧାଙ୍କୁ ଉଦ୍ଧାର କରିବାରେ ଏମାନଙ୍କର ତତ୍ପରତା ବହୁ ଜୀବନ ରକ୍ଷା କରିପାରିଛି । ମୋହନ ସରକାରଙ୍କ ଦିଗଦର୍ଶନ: ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ସିଧାସଳଖ ତତ୍ତ୍ୱାବଧାନରେ ଏହି ସମସ୍ତ ଦଳଗୁଡ଼ିକୁ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ପୂର୍ବରୁ ମୁତୟନ କରାଯାଇଥିଲା, ଯାହାଫଳରେ କୌଣସି ପ୍ରକାରର ଅଘଟଣକୁ ତୁରନ୍ତ ଏଡ଼ାଯାଇପାରିଛି ।

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଏକ ଦକ୍ଷ, ଦୂରଦୃଷ୍ଟିସମ୍ପନ୍ନ ଏବଂ ପ୍ରଶଂସନୀୟ ପଦକ୍ଷେପ ପ୍ରଦର୍ଶନ କରିଛନ୍ତି । ରାଜ୍ୟରେ ପ୍ରବଳ ବର୍ଷା ଏବଂ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇବା ପରେ ସରକାରଙ୍କ ସକ୍ରିୟ ତତ୍ପରତା ଯୋଗୁଁ ବଡ଼ ଧରଣର କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇପାରିଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ତିନି ଦିନ ଯାଏଁ ରାଜ୍ୟରେ ଆଉ ବର୍ଷାର ବିଶେଷ ସମ୍ଭାବନା ନାହିଁ ଏବଂ ଅଗଷ୍ଟ ୨ ତାରିଖ ପରେ ପୁନର୍ବାର ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି, ଯାହାକି ବନ୍ୟା ପ୍ରଭାବିତ ଜନସାଧାରଣଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିର ବିଷୟ ଅଟେ । ବର୍ତ୍ତମାନର ସ୍ଥିତିକୁ ସମୀକ୍ଷା କରି ମୋହନ ସରକାର ପ୍ରମାଣ କରି ଦେଖାଇଛନ୍ତି ଯେ ଜନସାଧାରଣଙ୍କ ଜୀବନ ଏବଂ ସମ୍ପତିର ସୁରକ୍ଷା ସେମାନଙ୍କର ପ୍ରଥମ ଏବଂ ପ୍ରମୁଖ ପ୍ରାଥମିକତା ଅଟେ । ରାଜ୍ୟର ମୁଖ୍ୟ ନଦୀଗୁଡ଼ିକର ଜଳସ୍ତର ଉପରେ କ୍ରମାଗତ ଭାବେ ନଜର ରଖାଯାଇଥିବା ବେଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ନିକଟରେ ବିପଦ ସଙ୍କେତ ତଳେ ରହିଛି ଏବଂ ଉପରମୁଣ୍ଡରେ ବର୍ଷା କମିଯିବାରୁ ବୈତରଣୀରେ ବନ୍ୟା ଜଳ କମିବାରେ ଲାଗିଛି । ସେହିପରି ମୁଣ୍ଡଳୀରେ ସନ୍ଧ୍ୟା ସୁଦ୍ଧା ପ୍ରାୟ ୯ ଲକ୍ଷ କ୍ୟୁସେକ ଜଳପ୍ରବାହ ପ୍ରଭାବିତ ହେବାର ସମ୍ଭାବନା ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି । ଏହି ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ (ଢଉଜଜଇର) ଏବଂ ଅଗ୍ନିଶମ ବାହିନୀ (ଋସକ୍ସର ଝରକ୍ସଙ୍ଗସମରତ୍ମ) ର ଯବାନମାନେ 'ଗ୍ରାଉଣ୍ଡ ଜିରୋ'ରେ ନିଜର ଜୀବନକୁ ବାଜି ଲଗାଇ ଯେପରି ଅତୁଳନୀୟ ସେବା ପ୍ରଦାନ କରିଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଜଳବନ୍ଦୀ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ଠାରୁ ଆରମ୍ଭ କରି ରିଲିଫ୍ ବଂଟନ ପର୍ଯ୍ୟନ୍ତ ସବୁସ୍ଥାନରେ ଏହି ଦଳଗୁଡ଼ିକର ତତ୍ପରତା ଅନେକ ଜୀବନ ରକ୍ଷା କରିପାରିଛି । ଯାଜପୁର ଜିଲ୍ଲାରେ ଦୁଇ ଜଣ ଆହତ ହୋଇଥିବା ଖବର ମିଳିଥିବା ବେଳେ ସରକାରଙ୍କ ତରଫରୁ ସେମାନଙ୍କୁ ତୁରନ୍ତ ଚିକିତ୍ସା ଏବଂ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ମୋହନ ସରକାରଙ୍କ ସମୟୋଚିତ ପଦକ୍ଷେପ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ମାଟିରେ ରହି କାର୍ଯ୍ୟ କରିବା ଶୈଳୀ ଏବଂ ଉଦ୍ଧାରକାରୀ ଦଳଙ୍କ ନିଃସ୍ୱାର୍ଥପର ପ୍ରୟାସ ଓଡ଼ିଶାବାସୀଙ୍କୁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିଛି । ଏହି ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ଦାୟିତ୍ୱବୋଧ ଏବଂ ସଚେତନତା ସମଗ୍ର ରାଜ୍ୟରେ ପ୍ରଶଂସା ସୃଷ୍ଟି କରିଛି ଏବଂ ମୋହନ ସରକାରଙ୍କ ନେତୃତ୍ୱରେ ଓଡ଼ିଶା ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ, ତାହା ପୁଣିଥରେ ପ୍ରମାଣିତ ହୋଇଛି ।

*ସୌଭାଗ୍ୟ ରଞ୍ଜନ ମହାନ୍ତି*
*ମୋ: ୯୪୩୭୯୯୪୩୭୯*





# ଜଳେଶ୍ୱର ବାସନ୍ତୀ ପଡ଼ିଆ ନିକଟରେ ନୈସୁରୁଆତ କଲ୍ୟାଣ ସଂସ୍ଥା ପକ୍ଷରୁ ନିଶାମୁକ୍ତି କେନ୍ଦ୍ର ଉଦଘାଟିତ

ଜଳେଶ୍ୱର : ( ନିପ୍ର )ଜଳେଶ୍ୱର ଅଂଚଳ ନିଶାର ହବ ରେ ପରିଣତ ହୋଇଥିବା ଓ ନିଶାଗ୍ରସ୍ତ ମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଯୁବ ସମାଜସେବୀ ଦିଲ୍ଲୀପ କୁମାର ସାମନ୍ତଙ୍କ ଉଦ୍ୟମ ରେ ଜଳେଶ୍ୱର ସହରର ବାସନ୍ତୀ ପଡିଆ ନିକଟରେ ନୈସୁରୁଆତ କଲ୍ୟାଣ ସଂସ୍ଥା ପକ୍ଷରୁ ଏକ ନିଶାମୁକ୍ତି କେନ୍ଦ୍ର ଉଦଘାଟିତ ହୋଇଯାଇଛି ।ଉଦଘାଟକ ଭାବେ ସମାଜସେବୀ ବିରଜା ଶଙ୍କର ପାଠୀ ଫିତା କାଟି ଏହି ନିଶାମୁକ୍ତି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଉଦଘାଟନ ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ ଦିଲ୍ଲୀପ କୁମାର ସାମନ୍ତ ଯୋଗ ଦେଇ ସେ ନିଜେ କିଭଳି ନିଶା କବଳରେ ପଡ଼ି ପରେ ବହୁତ କଷ୍ଟରେ ନିଶାରୁ ମୁକ୍ତି ପାଇଥିଲେ ସେ ସମ୍ପର୍କରେ ସେ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ । ସେ ଏଥିରୁ ପ୍ରେରଣା ପାଇ ନିଶାଗ୍ରସ୍ତ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ବିଭିନ୍ନ ସ୍ଥାନରେ ନିଶାମୁକ୍ତି କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତି ଗ୍ରହଣ କରିବା ସହ ସେ ୭ଟି ନିଶାମୁକ୍ତି କେନ୍ଦ୍ରରେ ସେ କାଉନସେଲିଙ୍ଗ କରନ୍ତି ବୋଲି କହିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ଆଇନଜୀବି ଫାଲ୍ଗୁନୀ ପାଣିଗ୍ରାହୀ, ପୂର୍ବତନ କାଉନସିଲର ଗୀତାଞ୍ଜଳି ସାମନ୍ତ, ତାପସ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଏହି ନିଶାମୁକ୍ତି କେନ୍ଦ୍ରର ଉଦ୍ୟୋକ୍ତା ମାନଙ୍କୁ ପ୍ରଶଂସା କରିଥିଲେ । ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଶଶାଙ୍କ ଶେଖର ଜେନା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜୟନ୍ତ ପାଠୀ, ଅସୀମ ଦାସ, ଜିଦ୍ଦି ବେହେରା, ରଜ କୁମାର ସାମନ୍ତ ।

# ଖଡ଼ିଆଳ ସ୍ଥିତ ଧର୍ମେଶ ଡାନ୍ସ ଏକାଡେମୀରେ 'ଡାନ୍ସର ହିନ୍ଦୁସ୍ଥାନୀ ସିଜନ-୪'ର ଅଡିସନ୍ ଅନୁଷ୍ଠିତ; ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଜଲୱା

ନୂଆପଡ଼ା :(ନି.ପ୍ର) ପ୍ରସିଦ୍ଧ ଟିଭି ରିଆଲିଟି ଶୋ 'ଡାନ୍ସର ହିନ୍ଦୁସ୍ଥାନୀ ସିଜନ-୪' ପାଇଁ ଦେଶବ୍ୟାପୀ ଅଡିସନ୍ ଆରମ୍ଭ ହୋଇଯାଇଛି । ନିର୍ଦ୍ଦେଶକ ବିମଲ ଯାଦବଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୃହତ୍ ଟିଭି ରିଆଲିଟି ଶୋ'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲୁକ୍କାୟିତ ପ୍ରତିଭାବାନ ଡାନ୍ସର ମାନଙ୍କୁ ଖୋଜି ବାହାର କରିବା । ଯୁବ ପ୍ରତିଭାମାନଙ୍କୁ ଉଚିତ ମଂଚ ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିର୍ଦ୍ଦେଶକ ସଂକଳ୍ପବଦ୍ଧ ।



ଏହି କ୍ରମରେ ପଶ୍ଚିମ ଓଡ଼ିଶାର ନୃତ୍ୟଶିଳ୍ପୀମାନଙ୍କୁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ 'ଡାନ୍ସର ହିନ୍ଦୁସ୍ଥାନୀ' ଟିଭି ରିଆଲିଟି ଶୋ'ର ସଦସ୍ୟ ତଥା 'ଧର୍ମେଶ ଡାନ୍ସ ଏକାଡେମୀ'ର ନିର୍ଦ୍ଦେଶକ ଧର୍ମେଶ ମେହେର ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ଖଡ଼ିଆଳ ସ୍ଥିତ ଧର୍ମେଶ ଡାନ୍ସ ଏକାଡେମୀ ରେ ଏହି ଅଡିସନ୍ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି ।

ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ଗାୟତ୍ରୀ ଧରୁଆ, ମୁଖ୍ୟ ବକ୍ତା ଭାବରେ ଯୁବ କବି ଗୌରାଙ୍ଗ କୁମାର ସାହୁ ଏବଂ ଆୟୋଜକ ଏକାଡେମୀ ନିର୍ଦ୍ଦେଶକ ଧର୍ମେଶ ମେହେର ମଂଚାସୀନ ଥିବାବେଳେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ସାମ୍ବାଦିକ ମୋତିଲାଲ ବାଗ ସଭାପତିତ୍ୱ କରିଥିଲେ । ଏହି ଅଡିସନରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ନୃତ୍ୟର ଜଲୱା ଦେଖାଇଥିଲେ । ଅଡିସନରେ କୋରିଓଗ୍ରାଫର ଧର୍ମେଶ ମେହେର ଏବଂ କୋରିଓଗ୍ରାଫର ବୁଲୁ ବାଗ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ କୃତକାର୍ଯ୍ୟ ହୋଇଥିବା ବିଜେତା ଡାନ୍ସରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ୱାଲିୟର (ଏଙ୍ଗବକ୍ଷସକ୍ଲବ୍) ଠାରେ ହେବାକୁ ଥିବା ଅଡିସନରେ ଅଂଶଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ଓ ସଫଳ କରିବାରେ ଓଜସ୍ୱିନୀ ସୁନାନୀ, ସଂଚିତା ମେହେର, ଜଗନ୍ନାଥ ସରାଫ, ଗୋପ ଚନ୍ଦନ, ରବୀନ୍ଦ୍ର ଜଗତ, ସୁନୀଲ କୁମ୍ଭାର ଓ ଆଲୋକ ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ଭଦ୍ରକ ଜିଲ୍ଲାପ୍ରଶାସନ ଓ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନ୍ ଭୁବନେଶ୍ୱର ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

ଭଦ୍ରକ : ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଆଧୁନିକ, ବୈଷୟିକ ଏବଂ ଡିଜିଟାଲ୍ ଭିତୀକ କରିବା ସହ ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ପ୍ରଯୁକ୍ତି ଶିକ୍ଷାର ସୁଯୋଗ ଯୋଗାଇବା ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଜିଲ୍ଲା ପ୍ରଶାସନ ଏବଂ ଭୁବନେଶ୍ୱରସ୍ଥିତ ୱାନ୍ ଫ୍ୟୁର୍ଚ ଫାଉଣ୍ଡେସନ୍ ମଧରେ ଏକ ବୁଝାମଣା ପତ୍ର ଏମ୍ ଓ ୟୁ ସ୍ୱାକ୍ଷରିତ ହୋଇଛି । ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସିତାଂସୁ ଶେଖର ମହାପାତ୍ର ଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଂଚବର୍ଷୀୟ ଭାଗିଦାରୀ ଅଧୀନରେ ଭଦ୍ରକ ଜିଲ୍ଲାର ମନୋନୀତ ସରକାରୀ ବିଦ୍ୟାଳୟ ଗୁଡ଼ିକରେ 'ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏ ଆଇ ଇନୋଭେସନ୍ ଓ ସ୍କିଲିଂ ହବ୍' ପ୍ରତିଷ୍ଠା କରାଯିବ । ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୱାନ୍ ଫ୍ୟୁର୍ଚ ଫାଉଣ୍ଡେସନର ନିର୍ଦ୍ଦେଶକ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଜାତୀୟ ଶିକ୍ଷା ନୀତି-୨୦୨୦, ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନା, ଓଡ଼ିଶାର ଡିଜିଟାଲ୍ ଶିକ୍ଷା ଲକ୍ଷ୍ୟ ଏବଂ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସାମଞ୍ଜସ୍ୟ ରହିଛି । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ଏହି ପାଂଚବର୍ଷୀୟ ସହଯୋଗ ଜିଲ୍ଲାର ଗ୍ରାମାଂଚଳ ଛାତ୍ରଛାତ୍ରୀଙ୍କୁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ , ରୋବୋଟିକ୍ସ, କୋଡିଂ ଓ ଇଂଟରନେଟ୍ ଅଫ୍ ଥିଙ୍ଗ ଭଳି ଆଧୁନିକ ପ୍ରଯୁକ୍ତିରେ ଦକ୍ଷ କରି ଭବିଷ୍ୟତ ପାଇଁ ଏକ ସକ୍ଷମ ଡିଜିଟାଲ୍ ପିଢ଼ି ଗଢ଼ି ତୋଳିବ । ଜିଲ୍ଲାପାଳ ଡକ୍ଟର ଦିଲ୍ଲୀପ ରାଉତରାଏ କହିଥିଲେ ଯେ, ବର୍ତମାନ ସମୟରେ ଇଓ, ରୋବୋଟିକ୍ସ ଓ ଡାଟା ସାଇନ୍ସ ଭଳି କ୍ଷେତ୍ର ସମଗ୍ର ବିଶ୍ୱର କାର୍ଯ୍ୟଧାରାକୁ ପରିବର୍ତନ କରୁଛି । ଏହି ସହଯୋଗ ମାଧ୍ୟମରେ ଭଦ୍ରକ ଜିଲ୍ଲା ସରକାରୀ ବିଦ୍ୟାଳୟ ଶିକ୍ଷାରେ ନୂତନ ପ୍ରଯୁକ୍ତିର ସମନ୍ୱୟ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ ସମାନ ସୁଯୋଗ ପାଇବେ । ଏହି ପଦକ୍ଷେପ ମାଧ୍ୟମରେ ପାରମ୍ପରିକ ଶିକ୍ଷାଦାନ ସହ ବ୍ୟବହାରିକ ଓ ପ୍ରକଳ୍ପ-ଭିତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ । ଇଓ ଇନୋଭେସନ୍ ଓ ସ୍କିଲିଂ ହବ୍ ମାଧମରେ ଛାତ୍ରଛାତ୍ରୀଙ୍କ ମଧରେ କମ୍ପ୍ୟୁଟେସନାଲ୍ ଚିନ୍ତାଧାରା, ସୃଜନଶୀଳ ସମସ୍ୟା ସମାଧାନ କୌଶଳ ଏବଂ ଷ୍ଟାର୍ଟଅପ୍ ମନୋଭାବର ବିକାଶ ଘଟିବ । ଏଥିସହ ଅତ୍ୟାଧୁନିକ ଭିତିଭୂମି, ସମନ୍ୱିତ ପାଠ୍ୟକ୍ରମ, ବିଭିନ୍ନ ସ୍ତରର ପ୍ରତିଯୋଗିତା ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବ । ୱାନ୍ ଫ୍ୟୁଚ ଫାଉଣ୍ଡେସନର ମୁଖ୍ୟ ପରାମର୍ଶଦାତା ଶାରଦା ପ୍ରସାଦ ପଣ୍ଡା କହିଥିଲେ ଯେ, ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧରେ ନବସୃଜନ ଚିନ୍ତାଧାରା ଓ ସମସ୍ୟା ସମାଧାନ ଦକ୍ଷତା ବିକଶିତ କରିବା ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ । ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ କାର୍ଯ୍ୟ କରି ଗ୍ରାମାଂଚଳରେ ଅତ୍ୟାଧୁନିକ ଶିକ୍ଷା ପହଂଚାଇବା ସହ ଭବିଷ୍ୟତର ଦକ୍ଷ ନେତୃତ୍ୱ ସୃଷ୍ଟି କରାଯିବ । ବୟସ ଉପଯୋଗୀ ଶିକ୍ଷାଦାନ ମଡ୍ୟୁଲ୍ ପ୍ରସ୍ତୁତ ଓ ପରିଚାଳନା କରାଯିବ । ପାଠ୍ୟକ୍ରମରେ ଇଓ, ରୋବୋଟିକ୍ସ, କୋଡିଂ, ଡିଜାଇନ୍ ଥିଙ୍କିଂ, ଇଓ ନୈତିକତା, ଡିଜିଟାଲ୍ ସୁରକ୍ଷା ଏବଂ ଜଳବାୟୁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଭଳି ବିଷୟଗୁଡ଼ିକ ସାମିଲ ରହିବ । କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା, ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ପ୍ରଦାନ ଏବଂ ବିଶେଷକରି ଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଜିଲ୍ଲା ପରିଚାଳନା କମିଟି ଗଠନ କରାଯାଇଛି । ଏହି କମିଟିର ଅଧ୍ୟକ୍ଷ ଭାବେ ଜିଲ୍ଲାପାଳ କାର୍ଯ୍ୟ କରିବେ । କମିଟିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ୱାନ୍ ଫ୍ୟୁର୍ଚ ଫାଉଣ୍ଡେସନର ପ୍ରତିନିଧି ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ସଦସ୍ୟ ଭାବେ ଯୋଗ ଦେଇଥିଲେ । ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ୱାନ୍ ଫ୍ୟୁର୍ଚ ଫାଉଣ୍ଡେସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବରୀ ନିର୍ବାଚନ ମଣ୍ଡଳୀ ଜଳମଗ୍ନ : ଘରେ ପଶିଲା ବନ୍ୟା ପାଣି ନଦୀ ବନ୍ଧ ଉପରେ ଆଶ୍ରୟ ନେଲେ ଗୋରୁଗାଈଙ୍କ ସହ ବନ୍ୟା ବିପନ୍ନ

ଧର୍ମଶାଳା : (ହି.ସ.)- ବୈତରଣୀ ପରେ ଏବେ ବ୍ରାହ୍ମଣୀ ନଦୀର ବନ୍ୟା ଜଳ ଆଁରେ ଗାଁ । ଗୃହପାଳିତ ପଶୁମାନଙ୍କ ଠାରୁ ଆରମ୍ଭ କରି ବନ୍ୟା ବିପନ୍ନମାନେ ଏକ ହୋଇ କିଏ ନଦୀ ବନ୍ଧରେ ଆଶ୍ରୟ ନେଇଥିବା ବେଳେ ତ ଆଉ କିଏ ଛାତ ଓ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି । ବ୍ରାହ୍ମଣୀ ନଦୀରେ ବିପଦ ସଙ୍କେତ ଉପରେ ବନ୍ୟା ଜଳ ନିଷ୍କାସିତ ହେଉଥିବା ବେଳେ ଏହାର ପ୍ରଭାବରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀରେ ଦୁର୍ଦଶା ଆଣି ଦେଇଛି । ବରୀ ନିର୍ବାଚନ ମଣ୍ଡଳୀ ବନ୍ଧଡିହ ପଂଚାୟତସ୍ଥ କନ୍ଦିଆ ଠାରେ ୨ଟି ସ୍ଥାନରେ ଘେରି ବନ୍ଧ ଭାଙ୍ଗି ଯିବା ଫଳରେ ଘେରି ବନ୍ଧ ଭିତରେ ୮୦ରୁ ଉର୍ଦ୍ଧ୍ୱ ପରିବାର ସ୍କୁଲ, ନଦୀ ବନ୍ଧ ଓ ଘରଛାତ ଉପରେ ଆଶ୍ରୟ ନେଇଥିବା ବେଳେ ଝାଲପଡା ପଂଚାୟତର ଝାଲପଡାଠାରେ ଘେରି ବନ୍ଧ ଭାଙ୍ଗି ଯିବା ଫଳରେ ୧୪,୧୫ ଓ ୧୬ ନଂ ୱାର୍ଡରେ ଶହଶହ ପରିବାର ନଦୀ ବନ୍ଧ ଉପରେ ଜରି ପାଲ ତଳେ ଗାଇଗୋରୁ ମାନଙ୍କ ସହ ଏକତ୍ର ହୋଇ ରହିଥିବା ଦେଖିବାକୁ ମିଳିଛି । ରସୁଲପୁର ବ୍ଲକ ସାମନ୍ତରାପୁର ପଂଚାୟତରେ ଆଜି ସାଢେ ୧୨ଟା ସମୟରେ ଘେରି ବନ୍ଧ ଭାଙ୍ଗି ଯିବାରୁ ଅନେକ ପରିବାର କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ତେବେ ଆଜି ସକାଳ ସାଢେ ୮ଟା ସମୟରେ ବରୀ ନିର୍ବାଚନ ମଣ୍ଡଳୀ କିମ୍ବୀରିଆପାଳ ବାଙ୍କସାହି ନିକଟରେ ଦେଢ ଶହରୁ ଦୁଇ ଶହ ଫୁଟ ଘାଇ ହୋଇଥିଲା । ଫଳରେ ସ୍ଥାନୀୟ ଅଂଚଳ ଜଳମଗ୍ନ ହୋଇ ପଡିଥିବା ବେଳେ ହଠାତ୍ ପାଣି ପଶିବା ଫଳରେ ଘରେ ଥିବା ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ନଷ୍ଟ ହୋଇଯାଇଛି । ସେପେଟ ପନିପରିବା ଚାଷ ଉଜୁଡି ଯାଇଛି । ବାଙ୍କସାହି ନିକଟରେ ଘାଇ ସୃଷ୍ଟି ହେବା ଫଳରେ ତୁରନ୍ତ ଖବର ପାଇ ଯାଜପୁର ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଓ ବରୀ ଜଳସେଚନ ସହକାରୀ ଯନ୍ତ୍ରୀ ମନୋରଂଜନ ତ୍ରିପାଠୀ ଘଟଣାସ୍ଥଳରେ ପଂହଚି ଘଟଣା ଉପରେ ନଜର ଦେବା ସହିତ ଘାଇ ବୁଲି ଦେଖିବାକୁ ଆସୁଥିବା ଜନସାଧାରଣଙ୍କୁ ବାରଣ କରିଥିଲେ । ସେପଟେ ଯାଜପୁର ସଦର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ । ପରେ ବରୀ ନିର୍ବାଚନ ନିର୍ବାଚନ ମଣ୍ଡଳୀ ଚନ୍ଦନପୁର ଓ ଅଟିରାସ୍ଥିତ ଅରୁଆଳ ଠାରେ ଘାଇ ହୋଇଥିଲା । ଖବର ପାଇ ଯାଜପୁର ଜିଲାପାଳ ଅମ୍ବର କୁମାର କର, ବନ୍ୟା ପରିଚାଳନା ଦାୟିତ୍ୱରେ ଥିବା ପି ଅନ୍ୱେଶା ରେଡ୍ଡି ଓ ବରୀ ବିଧାୟକ ବିଶ୍ୱ ରଂଜନ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ପ୍ରମୁଖ ଘାଇ ପରିଦର୍ଶନ କରିଥିଲେ ।

## ଖରସ୍ରୋତାରେ ପ୍ରବଳ ବନ୍ୟା, କୋରାଇର ତିନି ପଂଚାୟତ ପ୍ରଭାବିତ

କୋରାଇ : (ହି.ସ.)- ବୈତରଣୀରେ ବନ୍ୟାର ପ୍ରକୋପ କମିଥିବା ବେଳେ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରର ଆଁ ଭିତରେ କୋରାଇ ବ୍ଲକର ତିନି ପଂଚାୟତ ତଣ୍ଡରା, ବଡ଼ବିରୁହାଁ ଓ ଗୋଳେଇପୁର ପଂଚାୟତ ଗଭୀର ଭାବେ ପ୍ରଭାବିତ ହୋଇଛି । ତଣ୍ଡରା ପଂଚାୟତର ବରେଇ ଓ ଫିରୋଜାବାଦ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ବଡ଼ବିରୁହାଁ ପଂଚାୟତର ଅନେକ ଗ୍ରାମରେ ପାଣି ପଶିଛି । ସେହିପରି ଗୋଳେଇପୁର ପଂଚାୟତର ଟିକର, ମକୁନ୍ଦିବିନ୍ଧା (ବଡ଼ତ୍ରୀଲୋଚନପୁର) ତେଲିଆ, କେଉଟନଗୁଆଁ, ମିର୍ଜାପୁର, ମସୁଦପୁର ଗ୍ରାମ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇଛି । ଉକ୍ତ ଗ୍ରାମଗୁଡ଼ିକ ବନ୍ୟା ପାଣିଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ତଣ୍ଡରା ପଂଚାୟତରେ ତିନିଟି ଘରର କାନ୍ଥ ଭାଙ୍ଗି ଯାଇଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଅସ୍ଥାୟୀ ଭାବେ ପଲିଥିନ ଯୋଗାଇ ଦିଆଯାଇଛି । ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଗୋଳେଇପୁର ପଂଚାୟତର ସରପଂଚ ସସ୍ମିତା ମାଝୀ, ତଣ୍ଡରା ସରପଂଚ ମାମୁନୀ ମହାନ୍ତି, ବଡ଼ବିରୁହାଁ ସରପଂଚ ତପନ କୁମାର ମାଝୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ବନ୍ୟା ପରିଚାଳନାରେ ସହଯୋଗ କରୁଛନ୍ତି । କିଛି ଲୋକମାନେ ଜଳଘେରରୁ ବାହାରି ରାସ୍ତା କଡ଼ରେ ଗୃହପାଳିତ ପଶୁମାନଙ୍କୁ ନେଇ ରହୁଛନ୍ତି । ମକୁନ୍ଦବିନ୍ଧା ଓ ଟିକର ପୋଲ ତଳ ଆୟସ୍ଥଳ ପାଲଟିଛି । ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ମନ୍ଦିର ସବୁ ପାଣିରେ ବୁଡ଼ି ରହିଛି । ବିଶେଷ କରି ପନିପରିବା ଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହେବା ସହ ଧାନ ତଳି ବୁଡ଼ିଥିବାରୁ ପଚି ଯିବାର ସମ୍ଭାବନା ରହିଛି । ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ବିପନ୍ନ ପରିବାର ଦାବି କରିଛନ୍ତି ।

# ପାଣିରେ ବୁଡ଼ି ରହିଛି ଘର : ଦୟନୀୟ ଅବସ୍ଥାରେ ରାଧାକୃଷ୍ଣ ପଡ଼ାବାସୀ

ନୂଆପଡ଼ା : (ନି.ପ୍ର) ତାଣ୍ଡବ ରଚିଛି ଲଗାଣ ବର୍ଷା ଗତ ୨୮ ଓ ୨୯ ଦୁଇଦିନ ବ୍ୟାପୀ ଅନବରତ ବର୍ଷା ପାଇଁ ନୂଆପଡ଼ା ଜିଲ୍ଲାରେ ଅନେକ କ୍ଷୟକ୍ଷତି ହୋଇଛି ଆସନ୍ତୁ ଦେଖିବା ଖଡିଆଳ ବ୍ଲକ ନେହେନା ଗାଁ ର ରାଧାକୃଷ୍ଣ ପଡ଼ା ବାସୀ ବହୁ ଦୟନୀୟ ଅବସ୍ଥା କରିଛି ବର୍ଷା ଜଳ । ନେହେନା ଗାଁ ର ତଳିଆ ଅଂଚଳରେ ଦୀର୍ଘ ବର୍ଷ ହେଲା ସରକାର ଦେଇଥିବା ଜାଗାରେ ଘର କରି ରହୁଥିଲେ ହେଲେ ଦାଉ ସାଧିଲା ଲଗାଣ ବର୍ଷା । ସୁନ୍ଦର ନଦୀ ରେ ବନ୍ୟା ହେବାରୁ ରାଧାକୃଷ୍ଣ ପଡ଼ାକୁ ପାଣି ପଶି ଆସିଥିଲା ଘର ଭିତରେ ଆଣ୍ଠୁଏ ପାଣି କନ୍ଥା ,କପଡ଼ା , ରୋଷେଇ ସାମଗ୍ରୀ , ଚାଉଳ, ଡାଲି ସବୁ





ଭିଜି ଯାଇଥିଲା ରାତିରୁ ସେମାନେ ରୋଷେଇ କରି ନାହାନ୍ତି ଛୋଟ ଛୋଟ ଛୁଆ ମାନେ ଭୋକ ରେ ଆଉଟୁ ପାଉଟୁ ହେଉଥିଲେ । ନେହେନା ପଂଚାୟତ ର ସମିତି ସଭ୍ୟା ଲୀଳା ରାଉତରାଏ ସକାଳୁ ପହଂଚି ଆବସ୍ୱକ ସାମଗ୍ରୀ ସହ ସୁଖା ଖାଦ୍ୟ ଦେଇଥିଲେ ବୋଲି ପଡ଼ା ବାସୀ କହୁଥିଲେ । ତାଙ୍କ ଦୟନୀୟ ଅବସ୍ଥା କୁ ଦେଖିବା ପାଇଁ ଖଡିଆଳ ବିଧାୟକ ପ୍ରତିନିଧି ଅକ୍ଷ କୁମାର ନନ୍ଦ ଜାଗାକୁ ପହଂଚି ସ୍ଥିତି ଅନୁସରଣ କରିଥିଲେ । ପଡ଼ା ବାସୀ ଶ୍ରୀ ନନ୍ଦଙ୍କୁ ନିଜ ଗୁହାରି ଜଣାଇଥିଲେ ଗତ ୨୦୦୮ ଆସିବାରେ ମଧ୍ୟ ଏହି ଭଳି ଘର ଭିତରକୁ ପାଣି ପଶିଯାଇଥିଲା ଏବେ ପୁଣି ପାଣି ପଶି ବାରୁ ବହୁତ୍ ଅସୁବିଧାର ସମ୍ମୁଖୀନ ହେଉଛୁ ଆମ୍ଭ ପଡ଼ା ବାସୀଙ୍କୁ ଅନ୍ୟତ୍ର ସରକାରୀ କାଗାଦେଇ ଘର ନିର୍ମାଣ କରି ଦିଅନ୍ତୁ ବୋଲି ଅଭିଯୋଗ କରିଥିଲେ । ଶ୍ରୀ ନନ୍ଦ ପଡ଼ା ବାସୀ ଙ୍କୁ ଅନ୍ୟତ୍ର ବ୍ୟବସ୍ତା କରାଯିବ ବୋଲି କଥା ଦେଇ ଆସୁଛନ୍ତି । ବର୍ଷକୁ ବର୍ଷ ଯଦି ବନ୍ୟା ଜଳ ଅସୁବିଧା କରିବ ତେବେ କେମିତି ବଂଚିବୁ ବୋଲି ପଡ଼ା ବାସୀ ସରକାର ଙ୍କୁ ଗୁହାରି ଜଣାଇଛନ୍ତି ।

# ନବଜାତ ଶିଶୁର ମୃତଦେହ ସତ୍କାର କଲା ଯୁବ କୁଲୁତା ସମାଜ

ବଲାଙ୍ଗିର : (ହି.ସ.)- ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ପକ୍ଷରୁ ପୁଣି ଏକ ମହତ ଓ ମାନବୀୟ କାର୍ଯ୍ୟ ଦେଖିବାକୁ ମିଳୁଛି । ଜଣେ ଅସହାୟ ପରିବାରର ଦୁଃଖ ସମୟରେ ଛିଡା ହୋଇ ମୃତ ନବଜାତ ଶିଶୁର ଅନ୍ତିମ ସତ୍କାର କରି ସମାଜରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ । ମିଳିଥିବା ସୂଚନା ଅନୁଯାୟୀ, ନୂଆପଡା ଜିଲ୍ଲା ସୁନାବେଡା ଗ୍ରାମର କୁନାଲ ଖମାରୀଙ୍କ ପତ୍ନୀ ସୁକାନ୍ତି ଗତକାଲି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ଆଜି ସକାଳେ ଶିଶୁ ପୁତ୍ରଟିର ମୃତ୍ୟୁ ଘଟିଥିଲା । ବଲାଙ୍ଗିର ସହରରେ କୌଣସି ସମ୍ପର୍କୀୟ ନ ଥିବାରୁ ଶିଶୁର ବାପା ଓ ମା ସମ୍ପୂର୍ଣ୍ଣ ନିରୁପାୟ ହୋଇପଡିଥିଲେ । କୌଣସି ମତେ ଖବର ପାଇବା ପରେ କୁନାଲ ଖମାରୀ ଫୋନ ମାଧ୍ୟମରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କୁ ସମସ୍ତ ବିଷୟ ଜଣାଇ ସହଯୋଗ ପ୍ରାର୍ଥନା କରିଥିଲେ । ଘଟଣାର ଗାମ୍ଭୀର୍ଯ୍ୟ ବୁଝି ସଭାପତି ଶ୍ରୀ ଭୋଇ ବିନା ଦ୍ୱିଧାରେ ନିଜ ବ୍ୟକ୍ତିଗତ ଗାଡି ଧରି ତୁରନ୍ତ ହସ୍ପିଟାଲ ପହଂଚି ଥିଲେ । ପରେ ସମାଜସେବୀ ଅସୀମ ଭୋଇ ମୃତ ଶିଶୁର ବାପା ଏବଂ ଯୁବ କୁଲୁତା ସମାଜର ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନଙ୍କ ସହଯୋଗରେ ମୃତ ଶିଶୁ ପୁତ୍ରକୁ ଟିଟିଲାଗଡ ରାସ୍ତା ଚମଡା ଦୋଦାମ ନିକଟସ୍ଥ ଜଙ୍ଗଲରେ ସସମ୍ମାନ ଶେଷ ସତ୍କାର କରିଥିଲେ । ଯୁବ କୁଲୁତା ସମାଜର ଏହିପରି ନିସ୍ୱାର୍ଥପର ଓ ମାନବୀୟ ସେବା ପାଇଁ ବଲାଙ୍ଗିରର ବିଭିନ୍ନ ମହଲ ସମେତ ଓଡିଶା ଓ ଛତିଶଗଡର କୁଲତା ସମାଜର ସମସ୍ତ ସଦସ୍ୟ ଓ ବୁଦ୍ଧିଜିବୀ ମାନେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ଭୂୟସୀ ପ୍ରଶଂସା କରିଛନ୍ତି ।

## ଲଗାଣ ବର୍ଷାରେ କାନପୁର ପ୍ରକଳ୍ପର ଅସ୍ଥାୟୀ ଭାବେ ନିର୍ମିତ କଫର ଡ୍ୟାମ ଉପର ଦେଇ ପାଣି ପ୍ରବାହିତ ; ତଳିଆ ଅଂଚଳରେ ବନ୍ୟା ଆଶଙ୍କା, ହାଇ ଆଲର୍ଟ ଜାରି

ଚମ୍ପୁଆ : (ହି.ସ.) ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଠାରେ ଥିବା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ଲଗାଣ ବର୍ଷାରେ କାନପୁର ପ୍ରକଳ୍ପର ଅସ୍ଥାୟୀ ଭାବେ ନିର୍ମିତ କଫର ଡ୍ୟାମ ଦେଇ ପାଣି ପ୍ରବାହିତ ହୋଇଛି । ଗୁରୁବାର ସକାଳେ ବୈତରଣୀ ନଦୀର ଜଳସ୍ତର ହଠାତ୍ ଦ୍ରୁତ ଗତିରେ ବୃଦ୍ଧି ପାଇବାରୁ ପ୍ରବଳ ଜଳଚାପ ଯୋଗୁଁ ଏହି ଅଘଟଣ ଘଟିଛି । ବନ୍ଧ ଭାଙ୍ଗିବା ପରେ ପ୍ରକଳ୍ପ ଅଂଚଳରୁ ବିପୁଳ ପରିମାଣର ପାଣି ତଳିଆ ଅଂଚଳକୁ ପ୍ରବାହିତ ହେଉଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ, ପ୍ରକଳ୍ପର ମୁଖ୍ୟ କଂକ୍ରିଟ୍ ଡ୍ୟାମ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି । ସ୍ପିଲୱେ ଏବଂ ଗେଟ୍ ନିର୍ମାଣ କାର୍ଯ୍ୟ ପାଇଁ ନଦୀ ପାଣିକୁ ଅନ୍ୟ ପଟେ ବୁଲାଇବାକୁ ଏହି ଅସ୍ଥାୟୀ ମାଟି ବନ୍ଧ (କଫର୍ ଡ୍ୟାମ୍) ତିଆରି କରାଯାଇଥିଲା । ବର୍ତମାନ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟ ପ୍ରକଳ୍ପର ୬ଟି ରେଡିୟାଲ୍ ଗେଟ୍ ଏବଂ ୨ଟି ଡିଫ୍ଲିସନ୍ ସ୍ଲୁଇସ୍ ଗେଟ୍ (ସମୁଦାୟ ୮ଟି ଗେଟ୍) ଖୋଲାଯାଇ ପାଣି ନିଷ୍କାସନ କରାଯାଉଛି ।ତେବେ ଡ୍ୟାମ୍ରୁ ପ୍ରବଳ ବେଗରେ ପାଣି ମାଡ଼ି ଆସୁଥିବାରୁ ନଦୀ ଓ କେନାଲ ନିକଟବର୍ତୀ ତଳିଆ ଗ୍ରାମ ଗୁଡ଼ିକରେ ବନ୍ୟା ଜଳ ପ୍ରବେଶ କରିବା ଆରମ୍ଭ ହୋଇଛି । ଏହାଦ୍ୱାରା ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହେବା ସହ ଘରବାଡ଼ି ଓ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବାର ଗମ୍ଭୀର ଆଶଙ୍କା ସୃଷ୍ଟି ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା ଓ ପାଟଣା ବ୍ଲକର ତଳିଆ ଅଂଚଳର ଜନସାଧାରଣଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକଳ୍ପ ସ୍ଥଳରେ ସତର୍କ ସାଇରନ୍ ବଜାଯାଉଛି । ମାଇକ୍ ଯୋଗେ ଲୋକଙ୍କୁ ନଦୀ କୂଳକୁ ନଯିବା ପାଇଁ ପ୍ରଚାର କରାଯାଉଛି । ସୁରକ୍ଷା ବ୍ୟବସ୍ଥା ପାଇଁ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ବୈଷୟିକ ଅଧିକାରୀମାନେ ମୁତୟନ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ବାବା କଲ୍ୟାଣ ଦାସଙ୍କ ଟିଟିଲାଗଡ଼ ଶାଖାର ଶିଷ୍ୟଙ୍କ ଦ୍ୱାରା ପବିତ୍ର ଗୁରୁପୂର୍ଣ୍ଣିମା ପାଳିତ

ବଲାଙ୍ଗୀର : (ହି.ସ.) – ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ବାବା କଲ୍ୟାଣ ଦାସଙ୍କ ଟିଟିଲାଗଡ଼ ଶାଖାର ଶିଷ୍ୟଙ୍କ ଦ୍ୱାରା ସ୍ୱାଧୀନପଡ଼ା ସ୍ଥିତ ସମାଜ କଲ୍ୟାଣ ପରିଷଦ ଠାରେ ଗୁରୁପୂର୍ଣ୍ଣିମା ଅତି ଆନନ୍ଦରେ ପାଳିତ ହୋଇଯାଇଛି । ଅମରକଂଟକ ସ୍ଥିତ ପରମପୂଜ୍ୟ ପରମ ତପସ୍ୱୀ ଶ୍ରୀ ଶ୍ରୀ କଲ୍ୟାଣ ଦାଶ ବାବାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିବା ପରେ ଗୁରୁ ଭଜନ ପାଠ କରାଯାଇଥିଲା । ନିବେଦିତା ସରାଫ ଓ ଅରୁଣ ସାହୁ ଅତି ସୁନ୍ଦର ଗୁରୁ ବନ୍ଦନା ଗାନ କରିଥିଲେ । ପୂଜାର୍ଚ୍ଚନା କରିବା ପରେ ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ବିତରଣ କରାଯାଇଥିଲା । ଏହି ଅବସରରେ ସହର ତଥା ଆଖପାଖ ଅଂଚଳର ବହୁ କଲ୍ୟାଣ ପରିବାରର ସଦସ୍ୟମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଟିଟିଲାଗଡ଼ କଲ୍ୟାଣ ପରିବାରର ପ୍ରମୋଦ ସରାଫ, ପ୍ରଦୀପ ସାହୁ, ଅରୁଣ ସାହୁ, ପ୍ରକାଶ ସରାଫ, ଶୁରେନ୍ଦ୍ର ମାରୋଡ଼ିଆ, କାର୍ତିକ ମେହେର, ଅକ୍ଷୟ ବେହେରା, ଗୋଲାପ ସୋନୀ, ସୁଧୀର ଘଡ଼େଇ, ଅତୁଲ ସେଠ ଓ ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର ଜିଲ୍ଲା ସ୍ତରୀୟ ବୈଠକ

ଭବାନୀପାଟଣା : (ହି.ସ.)- ରାଜ୍ୟ ସଙ୍ଗଠନର ମାର୍ଗଦର୍ଶିକା ଅନୁଯାୟୀ ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର କଳାହାଣ୍ଡି ଜିଲ୍ଲା ସ୍ତରୀୟ ସାଧାରଣ ପରିଷଦ ବୈଠକ ସଫଳତାର ସହ ଶେଷ ହୋଇଯାଇଛି । ବୈଠକରେ ସଙ୍ଗଠନର ୫ ଦଫା ମୁଖ୍ୟ ଦାବି ଯଥା— ପ୍ରାରମ୍ଭିକ ପେ-ଲେଭଲ୍ ୧୦କୁ ବୃଦ୍ଧି, ସରକାରୀ ଗାଡ଼ି ସୁବିଧା, ବିଡିଓ ପଦବୀରେ ୫୦ ପ୍ରତିଶତ ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା ଏବଂ ସହଯୋଗୀ କର୍ମଚାରୀ ନିଯୁକ୍ତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଗାମୀ ଅଗଷ୍ଟ ୫ ଓ ୬ ତାରିଖରେ ଯଥାକ୍ରମେ ବ୍ଲକ ଓ ଜିଲ୍ଲା ସ୍ତରରେ ଦାବିପତ୍ର ପ୍ରଦାନ କରାଯିବା ସହ ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ଏହି ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ କାର୍ଯ୍ୟକାଳ ପାଇଁ ୫ ଜଣିଆ ନୂତନ ଜିଲ୍ଲା କର୍ମକର୍ତା ଚୟନ କରାଯାଇଛି । ସେମାନେ ହେଲେ ଜିଲ୍ଲା ସଭାପତି ଗଣପତି ତାଣ୍ଡି, ଜିଲ୍ଲା ଉପସଭାପତି ହିମାଂଶୁ ରଞ୍ଜନ ବଳ, ଜିଲ୍ଲା ସାଧାରଣ ସମ୍ପାଦକ ଅରବିନ୍ଦ ମହାପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପ୍ରଧାନ, ଜିଲ୍ଲା କୋଷାଧ୍ୟକ୍ଷ ଶୁଭଜିତ ରଞ୍ଜନ ସ୍ୱାଇଁ । ଏହି ବୈଠକରେ ଜିଲ୍ଲାର ବହୁ ସଂଖ୍ୟକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଯୋଗାଣ ନିରୀକ୍ଷକ କ୍ୟାଡରର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ନିଜର ହକ ପାଇଁ ଏକଜୁଟ ହୋଇ ଲଢ଼େଇ କରିବାକୁ ସଂକଳ୍ପ ନେଇଛନ୍ତି ।





# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଉନ୍ନତ ଭାରତ ଅଭିଯାନର ସଚେତନତା ଓ ସମ୍ବେଦୀକରଣ କାର୍ଯ୍ୟକ୍ରମ

ବାରିପଦା : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଦୂର ଓ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ପକ୍ଷରୁ, ଉନ୍ନତ ଭାରତ ଅଭିଯାନର ଅଂଶଗ୍ରହଣ କାରୀ ଅନୁଷ୍ଠାନ ଭାବେ ପି.ଏମ୍.-ଉଷା ପ୍ରାୟୋଜିତ "ଧାରଣକ୍ଷମ ଗ୍ରାମ ବିକାଶର ପଥ" ଶୀର୍ଷକ ସଚେତନତା ଓ ସମ୍ବେଦୀକରଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ୧୦୦୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସମାଜ ସହିତ ଅଧିକ ସଂଯୁକ୍ତ ହେବାକୁ ଆହ୍ୱାନ କରେ ଏବଂ ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତା'ର ଶିକ୍ଷା, ଗବେଷଣା ଓ



ସମ୍ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ପୋଷ୍ୟ ଗ୍ରାମଗୁଡ଼ିକର ଧାରଣକ୍ଷମ ଓ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ସଦା ପ୍ରତିବଦ୍ଧ ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗ ଗ୍ରାମ ବିକାଶ ସହ ଜଡ଼ିତ ପ୍ରକଳ୍ପ, ଗବେଷଣା ଓ କ୍ଷେତ୍ରଭିତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଉନ୍ନତ ଭାରତ ଅଭିଯାନର ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ବିଶ୍ୱବିଦ୍ୟାଳୟର ପୋଷ୍ୟ ପାଂଚଟି ଗ୍ରାମ ବୁଢ଼ିଖମାରୀ, ବାଲିପାଳ, ହଦହଦି, ନଦୀଗାଁ ଓ ଶଙ୍ଖଭଙ୍ଗାର ସର୍ବାଙ୍ଗୀଣ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ସକ୍ରିୟ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ । ସହ-ସଂଯୋଜକ ଡ଼. ସୁଜୟ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୫ଟି ଗାଁର ମୋଟ ଜନସଂଖ୍ୟା ପ୍ରାୟ ୨,୬୭୪ । ସମସ୍ତ ଗାଁରେ ଆଦିବାସୀ ଜନସଂଖ୍ୟା ଅଧିକାଂଶ ଅଟେ । ମହିଳା ସାକ୍ଷରତା ହାର ତୁଳନାତ୍ମକ ଭାବେ ନିମ୍ନ ରହିଛି । ବିଶେଷକରି ନଦୀଗାଁରେ ସାକ୍ଷରତା ହାର ମାତ୍ର ୩୧.୩% ଓ ମହିଳା ସାକ୍ଷରତା ୧୫.୨% ରହିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଗାଁଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, ଜୀବିକା ବିକାଶ, ମହିଳା ସଶକ୍ତିକରଣ, ସ୍ୱଚ୍ଛତା ଓ ପରିମଳ, ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା ଆଦି କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଯୋଜନା କରାଯାଇଛି । ବୁଢ଼ିଖାମାରୀ ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । ବାଲିପାଳରେ ୯୯% ଆଦିବାସୀ ଜନସଂଖ୍ୟା ରହିଛି ଏବଂ ସାକ୍ଷରତା ହାର ୪୪.୫% । ଶଙ୍ଖଭଙ୍ଗା ଗାଁରେ ଦକ୍ଷତା ବିକାଶ ଓ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ଭଲ ସୁଯୋଗ ରହିଛି । ଉନ୍ନତ ଭାରତ ଅଭିଯାନ ମାଧ୍ୟମରେ ଏହି ଗାଁଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବ । ଏହି କାର୍ଯ୍ୟକ୍ରମରେ ଏହି ଗ୍ରାମଗୁଡ଼ିକର ପଂଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ଼ ମେମ୍ବର, ନାଏବ ସରପଂଚ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଗଣ ଯୋଗଦାନ କରି ତାଙ୍କ ଗ୍ରାମର ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ କିପରି ହାତକୁ ନିଆଯାଇପାରିବ ସେ ଦିଗରେ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସିଡିଓଇର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପରିବାର ସର୍ବେକ୍ଷଣର ତାଲିମ ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସିଡିଓଇର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

# କୋରାପୁଟ ଜିଲ୍ଲାରେ ବଢ଼ୁଛି ଅପରାଧ, ଚୋରା ନିଶାକାରବାର

ଜୟପୁର : (ହି.ସ.) - କୋରାପୁଟ ଜିଲା ରେ ଚୋରା ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଲକ୍ଷ କରାଯାଇଛି । ଏହାର ପ୍ରଭାବରେ ନାବାଳକ ଓ ଯୁବକମାନେ ନିଶାଗ୍ରସ୍ତ ହୋଇ ଅପରାଧ ମୁହାଁ ହେଉଥିବା ନେଇ ବୁଦ୍ଧିଜୀବୀ ଓ ସହରବାସୀ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଅଭିଯୋଗ ଅନୁଯାୟୀ, କୋରପୁଟ ଜିଲାର ଜୟପୁର , କୋରାପୁଟ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ନନ୍ଦପୁର, ପାଡୁଆ, ଲକ୍ଷ୍ମୀପୁର ସହରର ବିଭିନ୍ନ ଚୋରା ଦେଶୀ ଓ ବିଦେଶୀ, ନକଲି ବିଦେଶୀ ମଦ, ଗଞ୍ଜେଇ, କଫ ସିରପ, ନିଶା ଇଞ୍ଜକସନ୍ ଖୋଲାଖୋଲି ବିକ୍ରି ହେଉଛି । ଫଳରେ ଅନେକ ନାବାଳକ ଓ ଯୁବପିଢ଼ି ଏହି ନିଶା ଜାଲରେ ଫସି ଅପରାଧ ପଥକୁ ଆପଣାଉ ଥିବା ଦେଖାଯାଉଛି । ବିଭିନ୍ନ ଯାନୀ ଯାତ୍ର ସମୟରେ ନିଶାଗ୍ରସ୍ତ ହୋଇ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଝଗଡ଼ା ପରବର୍ତୀ ସମୟରେ ଛୁରାମାଡ଼ ଭଳି ଘଟଣା ଦେଖିବାକୁ ମିଳିଥାଏ । ଏହି ପରିସ୍ଥିତିକୁ ଅନୁମାନ କଲେ ନାବାଳକମାନେ ପଥଭ୍ରଷ୍ଟ ହେବା ଲକ୍ଷ୍ୟ କରାଯାଇଛି । ସହରର ବିଭିନ୍ନ ରାସ୍ତା କଡରେ, ଛକ, ବଜାର, ଯେଉଁଠିକୁ ବି ଦେଖ ଖୁଲୁମ ଖୁଲା ଭାବେ ଯୁବ ପିଢ଼ି ସହ ନାବାଳକ ମଧ୍ୟ ନିଶା କାରବର ରେ ମାତାଲ ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଗଞ୍ଜାଇ ସେବନ କରୁଥିବା ଯୁବକଙ୍କ ସଂଖ୍ୟା ବଢୁଥିବା ବେଳେ ସ୍ଥାନୀୟ ଯୁବକ ମାତାଲ ହୋଇ ବୁଲୁଥିବା ଦେଖାଯାଉଛି । ଜୟପୁର ଟାଉନ ପୋଲିସ ଓ ସୁନାବେଢା ପୋଲିସ ନିଶା କାରବାରର ପ୍ରଦାଫସ କରି ଗତ ଦିନରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲ । ସହରର ଅନେକ ସ୍ଥାନରେ ଯୁବ ଗୋଷ୍ଠୀ ନିଶା ସେବନ କରି ମାତାଲ ହେଉ ଥିବା ଯୋଗୁଁ ଦୈନ ଦିନ ଚୋରି ବଢୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଜୟପୁର ସହର ନିକଟରେ ବିଭିନ୍ନ ଚୋରା ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଏହାର ପ୍ରଭାବରେ ଅନେକ ଶ୍ରମିକଙ୍କ ପରିବାର ଆର୍ଥିକ ଓ ସାମାଜିକ ସଙ୍କଟରେ ପଡୁଥିବା କୁହାଯାଉଛି । ମଦ ଚଢାଉରେ ପୋଲିସର କ୍ଷମତା କମି ଯାଇଥିବାରୁ ପୋଲିସ ଆଉ ଚୋରା ମଦ ଉପରେ ଚଢ଼ଉ କରୁ ନାହିଁ । ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଧର୍ମକୁ ଆଖିଠାର ସଦୃଶ୍ୟ ଫଳରେ ଚୋରା ନିଶା କାରବାର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଏହାର ପ୍ରଭାବରେ ଚୋରି,ମାର୍‌ପିଟ, ହତ୍ୟା, ହତ୍ୟା ଉଦ୍ୟମ ,ଘରୋଇ ହିଂସା, ଗୋଷ୍ଠୀ ବିବାଦ, ରାହାଜାନି ଏବଂ ସଡକ ଦୁର୍ଘଟଣା ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହେଉଛି । ବିଶେଷକରି ମହିଳା ମାନେନିଜର ବିଭିନ୍ନ କାମ ପାଇଁ ରାତିରେ ଯାତାୟାତ କରିବା ନେଇ ଅସୁରକ୍ଷିତ ମନେ କରୁଛନ୍ତି । ତେଣୁ ଜିଲା ପୋଲିସ ପ୍ରଶାସନ ହସ୍ତକ୍ଷେପ କରି ମଦ କାରବାର ବନ୍ଦ କରିବାକୁ ସାଧାରଣରେ ଦାବୀ ହୋଇଛି ।

# ପାଣି ନିଷ୍କାସନ ପାଇଁ ସଫା ହେଲା ନାଳ

ଭଦ୍ରକ : (ହି.ସ.) - ଭଦ୍ରକ ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ରାହାଞ୍ଚର ବାଇଶା ସାହି ଛକରେ ପାଂଚ ବର୍ଷ ହେବ ନାଳ ନିଷ୍କାସନ ଅଭାବରୁ ଟିକିଏ ବର୍ଷା ହେଲେ ଅଂଟାଏରୁ ଅଧିକ ଜମି ରହୁଥିଲା । ଯାହା ଫଳରେ କେବଳ ପାଦ ଚଲା ଯାତ୍ରୀ ନୁହଁନ୍ତି ଛୋଟ ଛୋଟ ବାଇକକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଏପରିକି ଚରମ୍ପା ଠାରୁ ରାଣୀତାଲ ଆସୁଥିବା ଯାତ୍ରୀ ଜାତୀୟ ରାଜପଥ ଲୋକାଲ ରାସ୍ତା ପରିବର୍ତେ ଜାତୀୟ ରାଜପଥର ରଙ୍ଗ ସାଇଡରେ ଆସିବାକୁ ପଡୁଛି । ଯାହା ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା । ଯାହାକୁ ସମ୍ବାଦରେ ବାରମ୍ବାର ପ୍ରକାଶ ପରେ ବି ଜିଲ୍ଲା ପ୍ରଶାସନ ଏ ବିଷୟରେ କିଛି ବୁଝିବା ପରିବର୍ତେ ଏହା ଜାତୀୟ ରାଜପଥ କାର୍ଯ୍ୟ କହି ଏଡାଇ ଯାଉଥିଲା ହେଲେ ଆଜି ରାହାଞ୍ଚି ର ସମାଜସେବୀ ଦାମୋଦର ସାହୁ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକଙ୍କୁ ଅବଗତ କରାଇଥିଲେ । ଶ୍ରୀ ମଲ୍ଲିକ ଏ ବିଷୟରେ ଜିଲ୍ଲପାଳଙ୍କୁ ଅବଗତ କରାଇଥିଲେ । ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟ ସମ୍ପାଦନା ପାଇଁ ଭଦ୍ରକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଗୋଷ୍ଠି ଉନ୍ନୟନ ଅଧିକରି ରଶ୍ମି ରଞ୍ଜନ ମଲ୍ଲିକ ଦୁଇଟି ଜେସିବି ଆଣି ରାସ୍ତାର ଦୁଇ ପାଖ ଡ୍ରେନ ସଫାର ବ୍ୟବସ୍ଥା କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ କାର୍ଯ୍ୟ ଚାଲୁରହିଥିଲା । ଏଠାରେ ସ୍ମରଣଯୋଗ୍ୟ ଗତ ସପ୍ତାହ ତଳେ ରାଣୀତାଲ ବଜାରରେ ପାଣି ନିଷ୍କାସନ ପାଇଁ ଖୋଲା ଯାଇଥିବା ନାଳକୁ ସ୍ଥାନୀୟ ବ୍ୟବସାୟୀ ପୋତି ଦେଇ ଥିବାରୁ ଆଗକୁ ପୁଣି ପାଣି ଜମିବ ସମସ୍ୟା ଦେଖା ଦେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି ।

# କୁଣ୍ଡେଶ୍ୱର ମନ୍ଦିର କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ

ଘଟଗାଁ : (ହି.ସ.) - କୁଣ୍ଡାପିଠା କୁଣ୍ଡେଶ୍ୱର ମନ୍ଦିରକୁ ଦୀର୍ଘବର୍ଷ ପରେ ଘଟଗାଁ ବ୍ଲକ ବିଡ଼ିଓ ଶ୍ରୀଯୁକ୍ତ ଖଗେଶ୍ୱର ବରାଳଙ୍କ ପ୍ରଚେଷ୍ଟାର୍ରେ ଜିଲ୍ଲାପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟ ନିମ୍ନନ୍ତେ ପଦକ୍ଷେପ କରି ଥିବାରୁ ମନ୍ଦିର କମିଟି ତଥା ଅଂଚଳର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି ମନ୍ଦିର କମିଟି ର ସଦସ୍ୟ ମାନେ ଘଟଗାଁ ବିଡ଼ିଓ ବରାଳଙ୍କୁ ଶୁଭେଚ୍ଛା ଜଣାଇବା ସହିତ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ (ଆଇଏସ)ଙ୍କୁ କମିଟିର କର୍ମ କର୍ତାମାନେ ପୁଷ୍ପଗୁଚ୍ଛ ଉତରୀୟ ଓ ଉପ ଢୌକନ ଦେଇସମ୍ବର୍ଦ୍ଧିତ କରି ଛନ୍ତି !ଏହି ଅବ ସରରେ କୁକୁର କଟା ନଦୀ ରେ ସ୍ଥାୟୀ ପୋଲ ନିର୍ମାଣ କୁଣ୍ଡେଶ୍ୱରମନ୍ଦିରକୁ ଆଲୋକୀ କରଣ ଓ ମନ୍ଦିର ପରିସରରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ପଲେଇ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ରାମଚନ୍ଦ୍ର ନାଏ କ ଯଶୋବନ୍ତ ନାୟକ ଶ୍ରୀକାନ୍ତ ମହନ୍ତ ଦିଲୁ ବହାଦୁର ରାଧା ମୁଣ୍ଡା ଦିବ୍ୟଜିତ ପଲେଇ ସୁନୀଲ ପଇଦା ପିଂଟୁ ନାୟକ ସୁକୁରା ମୁଣ୍ଡା ଓ କୁଣ୍ଡେଶ୍ୱର ବାହୀନିର ସଦସ୍ୟ ମାନେ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ନୂଆପଡ଼ା ବନ୍ୟାରେ ଭୟାନକ କ୍ଷୟକ୍ଷତି : ଖଡ଼ିଆଳ ସିନାପାଲି ମୁଖ୍ୟ ସଡ଼କ ଧୋଇନେଇଛି ବନ୍ୟାଜଳ

ନୂଆପଡ଼ା :(ନି.ପ୍ର) ନୂଆପଡ଼ା ଜିଲ୍ଲାର ୪ ଗୋଟି ବ୍ଲକ ଏବଂ ଦୁଇ ଗୋଟି ଏନ ଏ ସି ବନ୍ୟାରେ ପ୍ରଭାବିତ ହୋଇ ଥିଲା । ବନ୍ୟା ପରିସ୍ଥିତି ଭୟାନକ କ୍ଷୟ କ୍ଷତି ହେବା ସହ ଖଡିଆଳ ସିନାପାଲି ମୁଖ୍ୟ ସଡ଼କ ବିଛନାପାଲି ଡୁଆଝର ମଝିରେ ବନ୍ୟା ଜଳ ସଡ଼କ ଧୋଇ ନେଇଅଛି । ସିନାପାଲି ଖଡ଼ିଆଳ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏହି ସଡ଼କ କୁ ତୁରନ୍ତ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନେଇ ଜିଲ୍ଲାପାଳ



ନିର୍ଦ୍ଦେଶରେ ପୂର୍ତ ବିଭାଗ ଏସ ଡି ଓ ଅମୋଘ ପଣ୍ଡା ଘଟଣା ସ୍ଥଳକୁ ଯାଇ ନିରୀକ୍ଷଣ କରି ଅସ୍ଥାୟୀ ସଡ଼କ ନିର୍ମାଣ ପରେ ଭାରି ଯାନ ବ୍ୟତୀତ ଅନ୍ୟ ଯାନ ବାହାନ ଚଳାଚଳ ସ୍ୱାଭାବିକ ହୋଇଛି ।

# ଜି.ଏମ୍. ବିଶ୍ୱବିଦ୍ୟାଳୟରେ ଜିଲ୍ଲାସ୍ତରୀୟ 'ନିଶାମୁକ୍ତ ଯୁବା ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମ

ସମ୍ବଲପୁର : (ହି.ସ.) - କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନସ୍ଥ ମେରା ଯୁବା ଭାରତ, ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ସହଯୋଗରେ ଜିଲ୍ଲାସ୍ତରୀୟ 'ନଶାମୁକ୍ତ ଯୁବା ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଯୁବପିଢ଼ୀଙ୍କ ମଧ୍ୟରେ ନିଶାମୁକ୍ତ ସମାଜ ଗଠନ ଏବଂ ବିକଶିତ ଭାରତ-୨୦୪୭ର ସଂକଳ୍ପକୁ ସାକାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଜି.ଏମ୍. ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ୀଙ୍କୁ ନିଶାଠାରୁ ଦୂରେଇ ଦେଶ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ଼. ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲ୍ଲାପାଳ, ସମ୍ବଲପୁର ଏବଂ ଶ୍ରୀ ଶାନ୍ତନୁ ପାଢ଼ୀନ, ଜିଲ୍ଲା ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇ ଯୁବମାନଙ୍କୁ ନିଶାମୁକ୍ତ ଭାରତ ଗଠନରେ ଅଗ୍ରଣୀ ହେବାକୁ ଆହ୍ୱାନ କରିଥିଲେ । ମେରା ଯୁବା ଭାରତ, ସମ୍ବଲପୁରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ସଭାପତିତ୍ୱ କରିଥିଲେ । ଏହି ଅବସରରେ ନୃତ୍ୟ, ସଙ୍ଗୀତ, ନୁକ୍କଡ଼ ନାଟକ, ବିତର୍କ, ସ୍ଲାମ୍ ପୋଏଟ୍ରି, ଚିତ୍ରାଙ୍କନ, ସ୍ଲୋଗାନ୍ ଲେଖନ ଓ ସର୍ଟ ଫିଲ୍ମ/ରିଲ୍ସ ମେକିଂ ସହ ମୋଟ ୮ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ନୁକ୍କଡ଼ ନାଟକରେ ସୂର୍ଯ୍ୟ ପାଣିଗ୍ରାହୀ, କମଳଲୋଚନ ପଣ୍ଡା ଓ ମନୋରଞ୍ଜନ ମିଶ୍ର; ନୃତ୍ୟରେ ଦୀପାଲି ଚୌଧୁରୀ ଓ ହିମାଂଶୁ ପ୍ରଧାନ; ସଙ୍ଗୀତରେ ପୁଷ୍ପାଞ୍ଜଳି ଓ ରାଜକୁମାର, ସ୍ଲାମ୍ ପୋଏଟ୍ରିରେ ଡ଼. ସତ୍ୟନାରାୟଣ ଠାକୁର ଓ ଡ଼. ପୁଷ୍ପାଞ୍ଜଳି ରାବଣା; ବିତର୍କରେ ରାଜେନ୍ଦ୍ର ପଣ୍ଡା ଓ ଶାନ୍ତନୁ ପାଢ଼ୀନ, ଚିତ୍ରାଙ୍କନରେ ବନ୍ଦନା ପଣ୍ଡା ଓ ସମୀର ମହାରଣା, ସର୍ଟ ଫିଲ୍ମ ଓ ରିଲ୍ସ ମେକିଂରେ ସୁରେଶ ଏକ୍କା ଓ ମାସୁଦ ଆଲମ୍, ସ୍ଲୋଗାନ୍ ଲେଖନରେ ଡ଼. ସନ୍ଧ୍ୟାରାଣୀ ସାହୁ ଓ ବିନୋଦ ପ୍ରୁସେଠ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗିତାର ବିଜେତାମାନଙ୍କ ମଧ୍ୟରେ ସର୍ଟ ଫିଲ୍ମ ଓ ରିଲ୍ସ ମେକିଂରେ ପ୍ରଥମ ଅବିନାଶ ବେହେରା, ଦ୍ୱିତୀୟ ଜୀବନ ଜ୍ୟୋତି କହଁର, ତୃତୀୟରେ ଯୋଗେଶ୍ୱରୀ । ସ୍ଲୋଗାନ୍ ଲେଖନରେ ପ୍ରଥମ ବିନତୀ ବରିହା, ଦ୍ୱିତୀୟ ଆଲୋକ ନାଏକ ଓ ତୃତୀୟରେ ଇତିଶ୍ରୀ ନାୟକ ସ୍ଲାମ୍ ପୋଏଟ୍ରିରେ ପ୍ରଥମ ଏମ୍.ଡି. ଜିଶାନ୍ ରସିଦ୍, ଦ୍ୱିତୀୟ ସୁଜାତା ପ୍ରଧାନ ଓ ତୃତୀୟ ଦେବାଶିଷ ସେଣ୍ଡ୍ରିୟା । ସଙ୍ଗୀତରେ ପ୍ରଥମ ସୁଶ୍ରୀ ଶ୍ରଦ୍ଧା ମିଶ୍ର, ଦ୍ୱିତୀୟ ପ୍ରୀତମ ପ୍ରିୟରଞ୍ଜନ ଦିଲେଶ ସାହୁ, ତୃତୀୟ ଝାନ୍ସୀ କିସାନ । ନୁକ୍କଡ଼ ନାଟକରେ ପ୍ରଥମ ଭି.ଏସ୍.ଏସ୍.ୟୁ.ଟି., ଦ୍ୱିତୀୟ ପାର୍ବତୀ ଗିରି କଲେଜ ଓ ତୃତୀୟରେ ଏନ୍.ଏସ୍.ସି.ବି. କଲେଜ । ନୃତ୍ୟରେ ପ୍ରଥମ ସରକାରୀ ମହିଳା ମହାବିଦ୍ୟାଳୟ, ଦ୍ୱିତୀୟ ବି.ଜି.ଡି. କଲେଜ, କେଶାଇ ବାହାଲ ଓ ତୃତୀୟରେ ନାକଟିଦେଉଳ ଡିଗ୍ରୀ କଲେଜ । ଚିତ୍ରାଙ୍କନରେ ପ୍ରଥମ ସୁପ୍ରୀତି ବେହେରା, ଦ୍ୱିତୀୟ ଦେବରାଜ ଓରାମ ଓ ତୃତୀୟରେ ଖୁସି ପଟେଲ । ବିତର୍କରେ ପ୍ରଥମ ବୈଷ୍ଣବୀ ଯାଦବ, ଦ୍ୱିତୀୟ ଆଦିତ୍ୟ ନାରାୟଣ ତାଣ୍ଡି ଓ ତୃତୀୟରେ ବ୍ରତତୁ ଚକ୍ର । ଶେଷରେ ଡ଼. ଉମାଚରଣ ପତି ଓ ସୁଧୀର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ମେରା ଯୁବା ଭାରତ, ସମ୍ବଲପୁରର ଯୁବ ଆଇକନ୍ ଅର୍ପିତା ବେହେରା ସଫଳତାର ସହ ସମାପନ କରିଥିଲେ । ଶେଷରେ ଉପସ୍ଥିତ ସମସ୍ତ ଅତିଥି, ବିଚାରକ, ପ୍ରତିଯୋଗୀ, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ।

# ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

କନ୍ଧମାଳ : (ହି.ସ.)- ଫୁଲବାଣୀରେ ଜିଲ୍ଲା ସ୍ତରୀୟ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବି.ଏନ.ଆଇ. ବାଙ୍ଗାଲୋର ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କନ୍ଧମାଳ ମିଳିତ ସହଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀର ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ଡା. ପ୍ରଶନ୍ନ କୁମାର ତ୍ରିପାଠୀ, ମାନସିକ ସ୍ୱାସ୍ଥ୍ୟ ବିଭାଗର ମାଳତୀ ବେହେରା, ଫାଦର୍ ମଦନ ସୁଆଲ ସିଂ (ସଂପାଦକ ଜନ ବିକାଶ), ସମାଜସେବୀ ମନୋଜ କୁମାର ମିଶ୍ର, ଡା. ଶୁଭମ୍ (ନିପିଡୀଡ୍), ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ପ୍ରବୀଣ କୁମାର ଦିଗାଲ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରନତ୍ନେଶ୍ୱର ସାହୁ ଏବଂ ସ୍ୱେଚ୍ଛାସେବୀ ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଯୋଗଦେବା ସହିତ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିକାବାଲି ଏବଂ କ.ନୂଆଗାଁର ୧୬ ଗୋଟି ଗ୍ରାମ ପଂଚାୟତରୁ ୪୪ ଜଣ ଯନ୍ତ୍‌କାରୀ ଏବଂ ମାନସିକ ଅସୁସ୍ଥ ବ୍ୟକ୍ତି ଯୋଗଦାନ କରିଥିଲେ । ଆରକ୍ଷୀ ଅଧିକ୍ଷକ, ଜିଲ୍ଲାରେ ନିଶା ଦ୍ରବ୍ୟର ବ୍ୟବହାର ଦ୍ୱାରା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧିକୁ ଦଣ୍ଡ ବିଧାନ ନକରି ଚିକିତ୍ସା ଏବଂ ପରିବାର ସହାୟତାରେ କିପରି ରୋକାଯାଇ ସେମାନଙ୍କୁ ଥଇଥାନ କରାଯାଇପାରିବ ଏବଂ ବାହାରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତିମାନେ କିପରି ପୋଲିସ ପ୍ରଶାସନ ସହାୟତାରେ ମାନସିକ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିକିତ୍ସିତ ହୋଇପାରିବେ ସେ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସ୍ୱାତୀର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍ୱାତୀ ର ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରୁ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରି ତାଙ୍କର ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ଡା. ପ୍ରଶନ୍ନ କୁମାର ତ୍ରିପାଠୀ ପ୍ରତିଶୃତି ଦେଇଥିଲେ । ପରିବାର ମଧ୍ୟରେ ରହି ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କୁ ପରାମର୍ଶ ଏବଂ ଚିକିତ୍ସା ମାଧ୍ୟମରେ କିପରି ସମଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇ ପାରିବ, ଉଦାହରଣ ମାଧ୍ୟମରେ ସମାଜସେବୀ ମନୋଜ କୁମାର ମିଶ୍ର ସମସ୍ତଙ୍କୁ ବୁଝାଇଥିଲେ । ମାନସିକ ସ୍ୱାସ୍ଥ୍ୟ ବିଭାଗର ମାଳତୀ ବେହେରା, ଉପସ୍ଥିତ ଥିବା ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ଯନ୍ତ୍‌କାରୀ ମାନଙ୍କୁ ସେବା, ଯତ୍ନ ବିଷୟରେ କହିଥିଲେ । ଫାଦର୍ ମଦନ ସୁଆଲ ସିଂ (ସଂପାଦକ ଜନ ବିକାଶ) ସମାଜରେ ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କ ପ୍ରତି ଥିବା ଘୃଣା ଭାବ ଏବଂ ପରିବାରର ବୋଝ ବିଷୟରେ ଉଦାହରଣ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସମସ୍ତେ କିପରି ମହିଳା ମାନଙ୍କୁ ପ୍ରାଧାନ୍ୟ ଦେଇ ଏହି ସେବା କାର୍ଯ୍ୟରେ ଆଗେଇ ଆସିବେ ଏବଂ ଆବଶ୍ୟକ ସ୍ଥଳେ ପୋଲିସ ର ସହାୟତା ନେଇ କାମ କରିପାରିବେ, ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ନିଜର ଅନୁଭୁତି ମାଧ୍ୟମରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କ ଅବହେଳିତ ପିଲା ମାନଙ୍କୁ କିପରି ଶିଶୁ ମଙ୍ଗଳ ସମିତି ଦ୍ୱାରା ଥଇଥାନ କରି ଶିକ୍ଷା ପ୍ରଦାନ କରାଯାଇ ପାରିବ, ସେ ବିଷୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରନତ୍ନେଶ୍ୱର ସାହୁ ସମସ୍ତଙ୍କୁ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାତୀ କର୍ମୀ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ଆଲୋକ ସାମନ୍ତରାୟ, ରୋହିମୁଦ୍ ନାୟକ ଏବଂ ସ୍ୱାତୀ ର ଅନ୍ୟାନ୍ୟ କର୍ମୀ ମାନେ ସହଯୋଗ କରିଥିଲେ ।

# ପିଏମଏଫବିୱାଇ ପ୍ରଚାର ଭ୍ୟାନର ଶୁଭ ଉଦ୍ଘାଟନ

ନୂଆପଡ଼ା : (ହି.ସ.)- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମଏଫବିୱାଇ) ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଚାଷୀଙ୍କୁ ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ ସଚେତନତା ଭ୍ୟାନର ଶୁଭ ଉଦ୍ଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ସଚେତନତା ଭ୍ୟାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍କିମ ଅଫିସର ଆଭାସ ନାୟକ, ଦୀପାଶ୍ରୀ ମଣ୍ଡଳ, ବର୍ଷା ଆଜାଦ, ଏସବିଆଇ ଜେନେରାଲ ଇନସୁରେନ୍ସର ଜିଲ୍ଲା ସଂଯୋଜକ ଗୋବିନ୍ଦ ସା ଏବଂ ମିଥଲେଶ ସାହୁ ଉପସ୍ଥିତ ରହିଥିଲେ । ଏହି ସଚେତନତା ଭ୍ୟାନ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଗ୍ରାମ ପରିଦର୍ଶନ କରି କୃଷକମାନଙ୍କୁ ପିଏମଏଫବିୱାଇ ଯୋଜନାର ସଠିକ୍ ସୂଚନା ପହଂଚାଇବା ସହ ଅଧିକରୁ ଅଧିକ କୃଷକଙ୍କୁ ଫସଲ ବୀମାରେ ଅନ୍ତର୍ଭୁକ୍ତ କରିବା ଦିଗରେ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକ ମାନଙ୍କ ମଧ୍ୟରେ ଫସଲ ବୀମା ପ୍ରତି ସଚେତନତା ବୃଦ୍ଧି ପାଇବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତିରୁ ଆର୍ଥିକ ସୁରକ୍ଷା ପାଇବାରେ ପିଏମଏଫବିୱାଇ ଯୋଜନା ଅଧିକ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ ପାଇଥିଲା ।

# ନୂଆପଡ଼ାରେ ପ୍ରବାସୀ ଶ୍ରମିକ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ନୂଆପଡ଼ା : (ହି.ସ.) – ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା, କଲ୍ୟାଣ ଏବଂ ପ୍ରବାସ ପ୍ରଥାକୁ ହ୍ରାସ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାସ୍ତରୀୟ ପ୍ରବାସୀ ଶ୍ରମିକ ସମନ୍ୱୟ କମିଟିର ବୈଠକ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରର କଲ୍ୟାଣ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ସମୀକ୍ଷାରୁ ପ୍ରକାଶ ଯେ, ଜୁନ୍ ମାସରେ ଶ୍ରମ ବିଭାଗ ପକ୍ଷରୁ ପ୍ରବାସୀ ପରିବାରର ୩୨୭ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି । ମତ୍ସ୍ୟ ବିଭାଗ ୫୨ଟି ପ୍ରବାସୀ ପରିବାର ପରିଦର୍ଶନ କରି ୬ଟି ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛି । ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ୧,୫୦୩ଟି ପ୍ରବାସୀ ପରିବାରକୁ ପରିଦର୍ଶନ କରାଯାଇ ୭୩ ଲକ୍ଷ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରବାସୀ ପରିବାରର ୯୨୩ ଜଣ ଶିଶୁଙ୍କୁ ବିଦ୍ୟାଳୟରେ ନାମଲେଖା କରାଯିବା ସହ ମାଗଣା ପାଠ୍ୟପୁସ୍ତକ ଓ ବିଦ୍ୟାଳୟ ପୋଷାକ ପ୍ରଦାନ କରାଯାଇଛି । ସେହିପରି ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ପକ୍ଷରୁ ୭୪୭ଟି ପ୍ରବାସୀ ପରିବାର ପରିଦର୍ଶନ କରାଯାଇ ୧୩୧ ଜଣଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ପାଇଁ ଯୋଗ୍ୟ ବିବେଚନା କରାଯାଇଥିବା ବେଳେ ୩୪ ଜଣଙ୍କୁ ପେନ୍ସନ୍ ପ୍ରଦାନ କରାଯାଇଛି । ଏହାବ୍ୟତୀତ ଜିଲ୍ଲାର ପାଂଚଟି ବ୍ଲକର ବିଡିଓ ଏବଂ ତହସିଲଦାର ମାନେ ପ୍ରବାସୀ ଶ୍ରମିକ ପରିବାରଙ୍କ ପାଇଁ କରାଯାଇଥିବା ବିଭିନ୍ନ ହସ୍ତକ୍ଷେପ ଓ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ କହିଥିଲେ ଯେ, ପ୍ରବାସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମସ୍ତ ବିଭାଗର ସାମୂହିକ ଓ ସମନ୍ୱିତ ପ୍ରୟାସ ଆବଶ୍ୟକ । ପ୍ରତ୍ୟେକ ବିଭାଗ ନିଜ ନିଜ କାର୍ଯ୍ୟଯୋଜନା ପ୍ରସ୍ତୁତ କରି ପ୍ରବାସୀ ପରିବାରମାନଙ୍କ ନିକଟରେ ପହଂଚିବା ସହ ଏହି କାର୍ଯ୍ୟକ୍ରମକୁ ମିଶନ ମୋଡ୍ରେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପଜିଲ୍ଲାପାଳ ସୁର୍ମୀ ସୋରେନ୍, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲାଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜୀବିତ ମା'ଙ୍କୁ ମୃତ ଦର୍ଶାଇ ଜମି ହଡ଼ପ

ଧାମନଗର(ନିପ୍ର): ଜୀବିତ ମହିଳାଙ୍କୁ ସରକାରୀ କାଗଜପତ୍ରରେ ମୃତ ଦର୍ଶାଇ ତାଙ୍କ ଘରବାଡ଼ି ଜମି ହଡ଼ପ ଘଟଣା ଏବେ ନୂଆ ମୋଡ଼ ନେଇଛି । ଧାମନଗର ତହସିଲ ଅଧୀନ ଜୟନଗର ମୌଜା (ହବିବନଗର)ର ଆଇଶା ବିବି ଗତ ଜୁଲାଇ ୧୦ ତାରିଖରେ ଧାମନଗର ଥାନାରେ ତାଙ୍କର ଦୁଇ ପୁଅ, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ଚାରିଜଣ ସାକ୍ଷୀଙ୍କ ବିରୋଧରେ ଏତଲା ଦେଇଥିଲେ । ମାତ୍ର ପୁଲିସ ଦୀର୍ଘ ୧୮ ଦିନ ପର୍ଯ୍ୟନ୍ତ ମାମଲା ରୁଜୁ କରି ନଥିବାବେଳେ ଗତ ଜୁଲାଇ ୨୮ ତାରିଖରେ ସମ୍ପୃକ୍ତ ଆରଆଇ ପ୍ରକାଶ ମଲ୍ଲିକଙ୍କ ନାମରେ ମାମଲା ରୁଜୁ କରାଯାଇଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ମାମଲାରୁ ବାଦ୍ ଦିଆଯାଇଥିବାରୁ ଅଭିଯୋଗ କାରି ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଆଇଶା ବିବିଙ୍କ ନାମରେ ଥିବା ଖାତା ନମ୍ବର-୧୧୨୬/୫୮ରେ ପ୍ରାୟ ୧୪ ଡିସିମିଲ ଘରବାଡ଼ି ଜମି ଓ କୋଠାଘର ରହିଛି । ତାଙ୍କୁ ମୃତ ଦର୍ଶାଇ ତାଙ୍କ ଦୁଇ ପୁଅ ଉକ୍ତ ସମ୍ପତିକୁ ନିଜ ନାମକୁ କରାଇ ନେଇଥିବା ଅଭିଯୋଗ ହୋଇଛି । ଏଥିପାଇଁ ୨୦୨୫ ମସିହାରେ ଏକ ଘୋଷଣାନାମା ଦାଖଲ କରାଯାଇ ଆଇଶା ବିବି ୪୦ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିବା ଦର୍ଶାଯାଇ ଥିଲା । ସମ୍ପୃକ୍ତ ଆରଆଇ ପ୍ରକାଶ ମଲ୍ଲିକ କ୍ଷେତ୍ର ତଦନ୍ତ ନକରି ମହିଳା ମୃତ ବୋଲି ରିପୋର୍ଟ ପ୍ରଦାନ କରିଥିବା କଥା ସ୍ୱୀକାର କରିଥିବା ଅଭିଯୋଗ ହୋଇଛି । ଏହି ରିପୋର୍ଟକୁ ଆଧାର କରି ଘରବାଡ଼ି ଜମିର ରେକର୍ଡ ପରିବର୍ତନ କରାଯାଇଥିବା ଜଣାପଡ଼ିଛି । ଏପଟେ ଆଇଶା ବିବି ଅଭିଯୋଗ କରିଛନ୍ତି ଯେ, ଜୁଲାଇ ୧୦ ତାରିଖରେ ଥାନାରେ ଏତଲା ଦେଇଥିଲେ ମଧ ପୁଲିସ କୌଣସି ପଦକ୍ଷେପ ନେଇ ନଥିଲା । ବରଂ ୧୮ ଦିନ ପରେ କେବଳ ଆରଆଇଙ୍କ ନାମରେ ମାମଲା ରୁଜୁ କରାଯାଇ ଥିବାରୁ ଏହି ଘଟଣାରେ ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ କାହିଁକି ବାଦ୍ ଦିଆଗଲା, ତାହାକୁ ନେଇ ସନ୍ଦେହ ପ୍ରକାସ ପାଇଛି । ଆଗାମୀ ୧୫ ଦିନ ମଧରେ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନିଆ ନଯାଏ ଏବଂ ତାଙ୍କ ଘରବାଡ଼ି ଜମିକୁ ପୁନର୍ବାର ତାଙ୍କ ନାମକୁ ଫେରାଇବା ପ୍ରକ୍ରିୟା ତ୍ୱରାନ୍ୱିତ ନକରାଯାଏ, ତେବେ ସେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଜଣେ ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ସରକାରୀ ରେକର୍ଡ ପରିବର୍ତନ ଏବଂ ମାମଲା ରୁଜୁରେ ବିଳମ୍ବ ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ଦିଗରେ ଥାନା ଅଧିକାରୀ ଶୁଭ୍ରଜିତ ଦାସ କହିଛନ୍ତି ଅଭିଯୋଗ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଛି ଓ ଘଟଣାର ଅଧିକ ତଦନ୍ତ କରାଯିବ ବୋଲି କହିଥିଲେ ।

# ଚାରି ଦିନ ପରେ ବି ଲୋକେ ବନ୍ୟାଜଳରେ ବନ୍ଦୀ, ଭାସିଯାଇ ୭ବର୍ଷର ଶିଶୁକନ୍ୟା ମୃତ



ଧାମନଗର(ନିପ୍ର): ଉପରମୁଣ୍ଡରେ ବନ୍ୟା ଜଳ କମିଥିଲେ ମଧ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ବନ୍ୟାର କରାଳ ରୂପ ଏବେ ବି ଜାରି ରହିଛି । ବନ୍ୟା ଆସିବାର ଚାରି ଦିନ ବିତିଯାଇଥିଲେ ହେଁ, ଅନେକ ଅଂଚଳରୁ ଏବେ ବି ବନ୍ୟାପାଣି କମିବାର ନାଁ ନେଉନାହିଁ । ଫଳରେ ଲୋକମାନେ ଘରଦ୍ୱାର ଛାଡ଼ି ନଦୀବନ୍ଧ ଓ ସ୍କୁଲ ଘରେ ଆଶ୍ରୟ ନେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ସୂଚନା ଥାଉକି ବମକୁରା, ରଇପୁର, କାଶୀନ୍ଦିପୁର, ଅସୁରାଳୀ, କୋଠର, କଟସାହି, ଅର୍ଜୁନପୁର, ପଧାନି, ହସନାବାଦ ଏବଂ ପାଳସାହି ଆଦି ବିଭିନ୍ନ ପଂଚାୟତରେ ଏବେ ବି ବନ୍ୟାଜଳ ଜମି ରହି ବ୍ୟାପକକ୍ଷତି ହୋଇଛି । ଗ୍ରାମଗୁଡ଼ିକରେ ଯାତାୟାତ ଓ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ବନ୍ୟା ନଦୀ ରୁ କମୁ ଥିବା ବେଳେ ରାମେଶ୍ୱରପୁର ମଲିକ ସାହି ରେ ଗେଙ୍ଗୁଟି ନଦୀ ବନ୍ଧ ଧସି ଥିବାର ସୂଚନା ମିଳିଛି । ବୈତରଣୀ ନଦୀ ର ଷଣ୍ଢପୁର ଠାରେ ହର ମୋହନ ଜେନାଙ୍କ ଘରପାଖରେ ବନ୍ଧ ଧସିଥିବା ବେଳେ ଜଳସେଚନ ବିଭାଗ ର ଅଧିକାରି ମାନେ ପହଂଚି ତୁରିତ୍ ମରାମତି କରିଥିଲେ । ଏହି ବନ୍ୟା ରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ୫୦ ହଜାର ପାଣି ବୋତଲ ବିଭିନ୍ନ ଗ୍ରାମ ଓ ସ୍କୁଲ କୁ ଯୋଗାଇ ଦିଆ ଯାଇଛି । ଏହି ବନ୍ୟା ବିଭୀଷିକା ଭିତରେ ଫତେପୁର ପଂଚାୟତର ସାହୁସାହି ଗ୍ରାମରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି । ଗ୍ରାମର ନୃସିଂହ ସାହୁଙ୍କ ୭ ବର୍ଷର ସାନ ଝିଅ ଜ୍ୟୋତି ସାହୁ ବନ୍ୟାଜଳରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ଜ୍ୟୋତି ତାଙ୍କ ବଡ଼ ଭଉଣୀଙ୍କ ସହିତ ପାଖରେ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ପାଣିର ସ୍ରୋତ ରେ ପୋଖରୀକୁ ଭାସି ଯାଇଥିଲେ । ବଡ଼ ଭଉଣୀ କୌଣସି ମତେ ଉଦ୍ଧାର ହୋଇଥିବା ବେଳେ ସାନ ଝିଅ ଜ୍ୟୋତି ପାଣିରେ ଖସିଯାଇ ନିଖୋଜ ହୋଇ ଯାଇଥିଲେ । ଘଟଣା ସ୍ଥଳରେ ସ୍ଥାନୀୟ ସରପଂଚ ରଞ୍ଜନ ପଣ୍ଡା ତୁରନ୍ତ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ । ମାତ୍ର ପ୍ରଶାସନିକ ଟିମ୍ ପହଂଚିବା ପୂର୍ବରୁ ସ୍ଥାନୀୟ ଗ୍ରାମବାସୀମାନେ ନିଜେ ସାହସିକତା ପ୍ରଦର୍ଶନ କରି ପାଣିରୁ ଶିଶୁଟିର ମୃତଦେହ ଉଦ୍ଧାର କରିଥିଲେ । ଏହି ଅଭାବନୀୟ ଘଟଣାରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ଦେବାକୁ ଓଡ଼ିଶା କୃଷକ ସଭାର ଦାବି




ବ୍ରହ୍ମପୁର/କୋଦଳା(ନିପ୍ର): ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ପି. ହରି କୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱ ରେ କୋଦଳା ତହସିଲ ର କାଳିମେଘି ଗ୍ରାମ ପଂଚାୟତର କାଳିମେଘି ଗ୍ରାମ ରେଆତ୍ମ ହତ୍ୟା ଚାଷୀ ବୈରାଗୀ ଗୌଡ଼ ପରବାରଙ୍କୁ ଭେଟି ସମ ବେଦନା ଜଣାଇଥିଲେ । ତାଙ୍କ ସ୍ତ୍ରୀ ଝୁନୁ ଲତା ଗୌଡ଼ କହିବାଅନୁଯାୟୀ ବୈରାଗୀ ଗୌଡ଼ ଜଣେ ଭାଗ ଚାଷୀ ସେ ୪ଏକର ଜମି ଭାଗକୁ ଆଣି ଚାଷ କରୁଥିଲେ । ଫସଲ କରିବାପାଇଁ ପ୍ରାୟ ୨ଲକ୍ଷ ଟଙ୍କା ଋଣ ହୋଇ ଯାଇ ଥିଲେ କ୍ଷ ଏହି ଋଣ ପରିଶୋଧ କରିନପାରି କିଛି ଦିନ ଅଶାନ୍ତି ଥିଲେ କ୍ଷ ଚଳିତ ବର୍ଷ ଫସଲ ଲାଗୁତି ପାଇଁ କୌଣସି ଠାରେ ଋଣ ମିଳି ପାରିଲା ନାହିଁ । ଏପରି କି ଚାଷ କରିଥିବା ଟ୍ରାକ୍ଟର ଭଡା ପ୍ରାୟ ୫୦ହଜାର ଟଙ୍କା ଦେଇ ପାରିଲେ ନାହିଁ । ପରିବାରର ୫ଜଣ ଦୁଃଖ କଷ୍ଟ ରେ ଚଳି ଆସୁଥିଲେ । ଋଣ ଶୁଝିବା ଓ ଏହି ଚଳିତ ବର୍ଷ ଲାଗୁତିପାଇଁ ଅର୍ଥ ନମିଳିବା ର ଅନ୍ୟ କୋଣସି ଉପାୟ ନପାଇ ଗତ ୨୯ତାରିଖ ସକାଳ ସମୟରେ ବିଷ ପାନ କରିଥିଲେ । ତୁରନ୍ତ ତାଙ୍କୁ ପ୍ରଥମେ କୋଦଳା ହସ୍ପିଟାଲ ଏବଂ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କୁ ପଠାଇ ଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା କ୍ଷ ତିନି ଦିନ ହେଲା କୋଣସି ସରକାରୀ ଅଫିସର ତହସିଲ ଦାର କିମ୍ବା କର୍ମଚାରି ପରିବାର ପାଖ ରେ ପହଁଚି ନାହାନ୍ତି, ସରକାର ୧୦ଲକ୍ଷ ଟଙ୍କା ସହାୟତା ଦେବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ତାଙ୍କ ସ୍ତ୍ରୀଙ୍କୁ ୩୦୦୦ଟଙ୍କା ମାସିକ ପେନସନ ଦେବା, ହରିଶ୍ଚନ୍ଦ୍ର ଯୋଜନାରେ ରେଡ଼କ୍ରସ ପାଣ୍ଠିରୁ ଅର୍ଥ ଦେବା ପାଇଁ ଓଡିଶା କୃଷକ ସଭା ଦାବୀ କରିଛନ୍ତି । ଏହି ପ୍ରତନିଧି ମଣ୍ଡଳୀ ରେ କୃଷକ ସଭା ଜିଲ୍ଲା କମିଟି ସଭ୍ୟ ଅଜୟ ଗୌଡ଼, କାଳୀ ମେଘି ପଂଚାୟତ ୱାର୍ଡ ସଭ୍ୟ ବ୍ଲକ କମିଟି ସଭ୍ୟ ସୁଦାମ ଜାନି, ସ. ମୁରଲୀ ପ୍ରମୁଖ ଯୋଗ ଦାନ କରିଥିଲେ ।

# ସ୍ୱର୍ଗତ ସୁଶାନ୍ତ ସିଂ ଓ ପ୍ରମୋଦ କୁମାର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଝାରସୁଗୁଡ଼ା(ନିପ୍ର): ପୂର୍ବତନ ଭଟଲି ବିଧାୟକ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂ ଏବଂ ଝାରସୁଗୁଡ଼ା ପୌରାଂଚଳର ୧୯ ନମ୍ବର ୱାର୍ଡର ସକ୍ରିୟ ବିଜେଡି କର୍ମୀ ସ୍ୱର୍ଗତ ପ୍ରମୋଦ କୁମାର ମିଶ୍ରଙ୍କ ଅକାଳ ବିୟୋଗରେ ଶୁକ୍ରବାର ସନ୍ଧ୍ୟାରେ ଝାରସୁଗୁଡ଼ା ମଙ୍ଗଳ ବଜାରସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ଉଭୟ ଦିବଙ୍ଗତ ନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ରାଜନୈତିକ ଅବଦାନ ଏବଂ ସ୍ୱର୍ଗତ ପ୍ରମୋଦ କୁମାର ମିଶ୍ରଙ୍କ ସାଙ୍ଗଠନିକ କାର୍ଯ୍ୟକୁ ସ୍ମରଣ କରି ସେମାନଙ୍କ ବିୟୋଗକୁ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ବିଜୁ ଜନତା ଦଳର ବରିଷ୍ଠ ନେତା ତପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ନଟୁ ଶର୍ମା, ପ୍ରଶାନ୍ତ ଜେନା, ମିତ୍ରଭାନୁ ସାହୁ, ଅରୁଣ କୁମାର ଚୈନୀ, ପ୍ୟାରେଲାଲ ଶ୍ରୀବାସ୍ତବ, ଉଜ୍ଜ୍ୱଳ ଘୋଷ, ନୁପୁ ଘୋଷ, ମେହତାବ ଖାନ, ଶିବୁ ପଟ୍ଟନାୟକ ଏବଂ ପପୁ ଶର୍ମାଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମକର୍ତ୍ତା ଓ ଦଳୀୟ କର୍ମୀ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ପାଣି ନାଳରେ ପଡ଼ି ଚାଷୀ ମୃତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଂଚାୟତ ଅଧିନ ଶରତ ଗ୍ରାମର ରବିନ୍ଦ୍ର ପରିଡାଙ୍କ ପୁଅ ଅନ୍ତର୍ଯ୍ୟାମୀ(୪୦) ବିଲ କାମସାରି ଘରକୁ ଫେରୁଥିବା ବେଳେ ପାଣିନାଳରେ ଖସିପଡି ମୃତ୍ୟୁ ବରଣ କରିଛନ୍ତି । ଗୁରୁବାର ସକାଳେ ସେ ଚାଷଜମିକୁ କାମ କରିବାକୁ ଯାଇ ମଧ୍ୟାହ୍ନ ବେଳେ କାମ ସାରି ଘରକୁ ଫେରୁଥିଲେ । ଫେରିବା ରାସ୍ତାରେ ଏକା ପାଣିନାଳ ଅତିକ୍ରମ କରୁଥିବା ବେଳେ ମୁଣ୍ଡବୁଲାଇ ଦେବାରୁ ନାଳରେ ଭାସି ଯାଇଥିଲେ । ପାଖରେ କାମ କରୁଥିବା ଅନ୍ୟ ଚାଷୀମାନଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ନିଜର ଘର ନଥିବାରୁ ପରଘରେ ଆଶ୍ରୟ ନେଇଥିବା ଅନ୍ତର୍ଯ୍ୟାମୀଙ୍କୁ କୌଣସୀ ସରକାରୀ ସହାୟତା ମିଳିନଥିବା ବେଳେ ତାଙ୍କର ଅନାଥ ସନ୍ତାନ ଭାବେ ଏକମାତ୍ର ଝିଅ ଓ ସ୍ତ୍ରୀଙ୍କୁ ସହୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଶିଶୁ ସୁରକ୍ଷା ଓ ଶିକ୍ଷା ଅଧିକାର ସଚେତନତା କାର୍ଯ୍ୟକ୍ରମ

ସୋର(ନିପ୍ର): ସୋର, ତାଲୁକ ଆଇନ ସେବା କମିଟି, ସୋର ପକ୍ଷରୁ ପିଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟ, ବଗୁଡ଼ି, ସୋର ଠାରେ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ, ଏବଂ ଶିକ୍ଷାର ଅଧିକାର ଅଧିନିୟମ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମୀନାକ୍ଷୀ ଦାସ, ଅତିରିକ୍ତ ଜିଲ୍ଲା ଜଜ୍ ତଥା ଅଧକ୍ଷା, ତାଲୁକ ଆଇନ ସେବା କମିଟି, ସୋର ଉଦ୍ଘାଟନ କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଶିଶୁଙ୍କ ଯତ୍ନ, ସୁରକ୍ଷା, ସେମାନଙ୍କର ଆଇନଗତ ଅଧିକାର ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇବା ସହ ନିଜ ଅଧିକାର ସମ୍ପର୍କରେ ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସିଭିଲ ଜଜ୍ ରାକେଶ କୁମାର ସାହୁ, ଜେଏମଏଫସି, ସୋର ସୁଶ୍ରୀ ପଲ୍ଲବୀ ଦାସ ଏବଂ ଅତିରିକ୍ତ ସିଭିଲ ଜଜ୍-କମ୍-ଜେଏମଏଫସି ସୁଶ୍ରୀ ସୁଭାସ୍ମିତା ସୁଭଦର୍ଶିନୀ ପାତ୍ର ଛାତ୍ରଛାତ୍ରୀଙ୍କୁ କିଶୋର ନ୍ୟାୟ ଆଇନ, ଶିଶୁ ସୁରକ୍ଷା, ଶିକ୍ଷାର ଅଧିକାର ଓ ବିଭିନ୍ନ ଆଇନଗତ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ଚିତରଞ୍ଜନ ମହାପାତ୍ର ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ସରକାରୀ ଓକିଲ କାହ୍ନୁ ଚରଣ ବେହେରା ସଭା ପରିଚାଳନା କରିବା ସହ ସହି ଅତିଥି ପରିଚୟ କରିଥିଲେ । ବିଦ୍ୟାଳୟର ଅଧକ୍ଷ ବିଦ୍ୟାଧର ସାହୁ ମଂଚାସୀନ ଥିବା ବେଳେ ଦୁର୍ଗାଚରଣ ନନ୍ଦ ପ୍ରାରମ୍ଭିକ ସଂଚାଳନ ଏବଂ ଶ୍ରୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅଧିକ୍ଷକ କରଣ ଟୁଡୁ ଏବଂ ପ୍ରଶାନ୍ତ କୁମାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନାରେ କୋର୍ଟ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ଦେବାଶିଷ ଦାସ ସକ୍ରିୟ ସହଯୋଗ କରିଥିଲେ ।

# ଆଦର୍ଶ ଶିକ୍ଷକ ଭୀଷ୍ମ ନାୟକଙ୍କ ସ୍ମୃତି ଚାରଣ ସଭା



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ଗ୍ରାମ ପଂଚାୟତ ଅଧୀନ ନଛିପୁର ଏମଇ ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ, ଗୋଳିହା ସେବା ସମବାୟ ସମିତିର ପୂର୍ବତନ ସଭାପତି ତଥା ପତିରାଜପୁର ମେଳା କମିଟି ଓ ଚାରଣ ଗୋଷ୍ଠୀର ସକ୍ରିୟ ସଦସ୍ୟ ସ୍ୱର୍ଗତ ଭୀଷ୍ମ ଚରଣ ନାୟକଙ୍କ ସ୍ମୃତିସଭା ଶୁକ୍ରବାର ଅପରାହ୍ନରେ ପତିରାଜପୁର ମେଳା ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଚାରଣ ଗୋଷ୍ଠୀର ଉପଦେଷ୍ଟା ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷକ ଉଦୟ ନାୟକ, ଗୌରାଙ୍ଗ ପାଣି, ନିର୍ମଳ ପଣ୍ଡା, ସମ୍ପଦ ଘଡେଇ, ପ୍ରଦୀପ କୁମାର ସାମଲ, ବଳରାମ ପଣ୍ଡା, ଅକ୍ଷୟ ପ୍ରଧାନ, ରାମଚନ୍ଦ୍ର ପଣ୍ଡାପ୍ରମୁଖ ନିଜ ବକ୍ତବ୍ୟରେ କେବଳ ସମୟାନୁବର୍ତୀ ଓ ଶୃଙ୍ଖଳିତ ଗୁଣ ନୁହେଁ ବହୁ ଅନନ୍ୟ ପ୍ରତିଭାର ଅଧିକାରୀ ଥିବା ନେଇ ଆଲୋକପାତ କରିଥିଲେ । ବୁଦ୍ଧିରାମ ପାଣିଗ୍ରାହୀ ଗୀତା ଓ ଭାଗବତ ପାଠ କରିଥିବା ବେଳେ ଶରତ ପଣ୍ଡାଙ୍କ ଦ୍ୱାରା ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରଥମେ ସ୍ୱର୍ଗତ ଅମରଆତ୍ମାର ସଦଗତି ନିମିତ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପୁତ୍ର ରମଣୀ ରଞ୍ଜନ ଓ ରଶ୍ମି ରଞ୍ଜନ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଟେରିଚାଳିତ ତିନିଚକିଆ ଯାନ ପ୍ରଦାନ



ବ୍ରହ୍ମପୁର/ଛତ୍ରପୁର(ନିପ୍ର): ଗଞ୍ଜାମ ଜିଲ୍ଲାପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାର ୧୮ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାରର ସହାୟକ ଯାନ ଓ ଉପକରଣ ବିତରଣ କରାଯାଇଛି । ଏହି ବିତରଣ ଉତ୍ସବରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ନିଓମୋସନ୍ ବାଇକ୍, ବ୍ୟାଟେରିଚାଳିତ ତିନିଚକିଆ ଯାନ ଏବଂ ସ୍ମାର୍ଟ କେନ୍ ପ୍ରଦାନ କରିବା ସହ ଭିନ୍ନକ୍ଷମ ବ୍ୟକ୍ତିମାନେ କୌଣସି ଗୁଣରେ ଅନ୍ୟମାନଙ୍କ ଠାରୁ କମନୁହଁନ୍ତି ବୋଲି କହିବା ସହ ସେମାନଙ୍କର ସୁସ୍ଥ ଓ ସମୃଦ୍ଧ ଜୀବନ କାମନା କରିଥିଲେ । ଭିନ୍ନକ୍ଷମ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା ଅଧୀନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ଏହି ସମସ୍ତ ଉପକରଣ ମାଗଣାରେ ବିତରଣ କରାଯାଇଥିଲା । ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ମାଧ୍ୟମରେ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା । ଏହି ଅବସରରେ ୮ ଜଣ କଲେଜ ଛାତ୍ର ଏବଂ ୭ ଜଣ ବ୍ୟବସାୟୀଙ୍କୁ ବ୍ୟାଟେରିଚାଳିତ ତିନିଚକିଆ ଯାନ, ୨ ଜଣ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ନିଓମୋସନ୍ ବାଇକ୍ ଏବଂ ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସ୍ମାର୍ଟ କେନ୍ ବିତରଣ କରାଯାଇଥିଲା । ରାଜ୍ୟରେ ପ୍ରଥମ ଥର ପାଇଁ ନିଓମୋସନ୍ ଯାନ ପ୍ରଦାନ କରାଯାଇଛି । ଏହି ଅତ୍ୟାଧୁନିକ ଯାନଟି ବ୍ୟାଟେରିଚାଳିତ ତିନିଚକିଆ ଯାନ ହେବା ସହିତ ଆଗ ଚକକୁ ଫୋଲ୍ଡ କରି ହୁଇଲଚେୟାର ଭାବରେ ମଧ ବ୍ୟବହାର କରାଯାଇପାରିବ । ସହରାଂଚଳରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟରେ ଏହା ବେଶ୍ ସହାୟକ ସାବ୍ୟସ୍ତ ହେବ । ଏହି ଯାନ ନନ୍ଦିକ ଗ୍ରାମର ଜାତୀୟସ୍ତରୀୟ ହୁଇଲ୍ ?ଚେୟାର କ୍ରିକେଟ୍ ଖେଳାଳି ନିକୁ ପ୍ରଧାନ ଏବଂ ବାଘଲ ପଂଚାୟତର ଆନ୍ତର୍ଜାତୀୟ ଶଟ୍ ?ପୁଟ୍ ଓ ଜାଭେଲିନ୍ ଖେଳାଳି ରଞ୍ଜନା ନାହକଙ୍କୁ ପ୍ରଦାନ କରାଯାଇଥିଲା । ନିଓମୋସନ୍ ଯାନ ପାଇବା ପରେ ନିକୁ ପ୍ରଧାନ କହିଥିଲେ, 'ସରକାରଙ୍କ ପକ୍ଷରୁ ଏହି ଅତ୍ୟାଧୁନିକ ଯାନ ପାଇ ମୁଁ ବହୁତ ଖୁସି । ଏହା ତିନିଚକିଆ ଯାନ ସହିତ ହୁଇଲ୍ ?ଚେୟାର ଭାବରେ ମଧ ବ୍ୟବହାର କରିହେବ । ଥରେ ଚାର୍ଜ କଲେ ପ୍ରାୟ ୨୫ କିଲୋମିଟର ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାପ୍ରଶାସନ ସବୁବେଳେ ଆମକୁ ସହଯୋଗ କରିଆସିଛି । ଜିଲ୍ଲାପାଳ ଆମକୁ ସବୁବେଳେ ପ୍ରେରଣା ଦେଇଆସିଛନ୍ତି । ଏହି ଯାନ ମୋର ଦୈନନ୍ଦିନ ଜୀବନ ଓ କ୍ରିକେଟ୍ ଖେଳରେ ବେଶ୍ ସହାୟକ ହେବ ।'ଆନ୍ତର୍ଜାତୀୟ କ୍ରୀଡ଼ାବିତ ରଞ୍ଜନା ନାହକଙ୍କ ସମେତ ଅନ୍ୟ ହିତାଧିକାରୀମାନେ ମଧ ରାଜ୍ୟ ସରକାର ଏବଂ ଗଞ୍ଜାମ ଜିଲ୍ଲାପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ସଂଯୋଜନା କରିଥିବାବେଳେ ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଆସନ୍ତା ୩ରୁ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର: ଆସନ୍ତା ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି । ଏହି ଗସ୍ତ କାଳରେ ରାଷ୍ଟ୍ରପତି ଭୁବନେଶ୍ୱରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ଟ୍ରେନ୍ ଯାତ୍ରାକୁ ନେଇ ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ପରିପ୍ରେକ୍ଷୀରେ ପୋଲିସ ସେବା ଭବନ ସ୍ଥିତ କ୍ୟାମ୍ପ ଅଫିସରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉଚ୍ଚସ୍ତରୀୟ ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଆଇନଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାର ଟିକିନିଖି ସମୀକ୍ଷା କରାଯାଇଛି । ବିଶେଷ କରି ଟ୍ରେନ୍‌ରେ ଯାତ୍ରା ସମୟରେ କିଭଳି ଅଭେଦ୍ୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ବୈଠକରେ ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଆର.ପି. କୋଚେ, ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ପୋଲିସ କମିଶନର ସୁରେଶ ଦେବଦତ ସିଂ, ଏସଏପି ଏଡିଜି ରାଜେଶ କୁମାର ପ୍ରମୁଖ ଯୋଗ ଦେଇଥିଲେ ।

## ବନ୍ୟା ପ୍ରଭାବିତ ଅଂଚଳରେ ବଢ଼ିବ କଲେଜ ଆଡ଼ମିଶନ ଅବଧି: ମନ୍ତ୍ରୀ



ଭଦ୍ରକ: ବନ୍ୟା ଅଂଚଳରେ ବଢିବ କଲେଜରେ ଆଡମିଶନ ଅବଧି । ସମସ୍ତ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ବନ୍ୟା ପାଇଁ ବିଭିନ୍ନ କଲେଜରେ ଆଡମିଶନ ବାଧା ହେଉଥିବା ନେଇ ଖବର ପ୍ରସାରଣ ପରେ ଏଭଳି ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ସମସ୍ତ କଲେଜରେ ଏବେ ନାମଲେଖା ପ୍ରକ୍ରିୟା ଜାରି ରହିଛି । ହେଲେ ଏହି ସମୟରେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ବନ୍ୟା ଜଳ ଲହଡି ମାରୁଛି । ଯାହାକୁ ନେଇ ଚିନ୍ତାରେ ଅଧକ୍ଷ, ଅଧ୍ୟାପକ ଓ ନାମ ଲେଖାଇବାକୁ ଆସିଥିବା ଛାତ୍ରୀ ଏବଂ ଅଭିଭାବକ । ଏହି ଘଟଣା ସାମ୍ନାକୁ ଆସିବା ପରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ଶିକ୍ଷାମନ୍ତ୍ରୀ ।

## ରାଜ୍ୟରେ ପ୍ରବଳ ଝଡ଼ବର୍ଷା ସମ୍ଭାବନା : ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର : ଗଭୀର ଅବପାତ ଦୁଇଦିନ ହେବ ଛତିଶଗଡ଼ ଉପରେ ଗତି କରୁଛି । ଏହା ଶୁକ୍ରବାର ସୁଦ୍ଧା ପଶ୍ଚିମ ଦିଗକୁ ଅଗ୍ରସର ହୋଇ କ୍ରମଶଃ ଦୁର୍ବଳ ହୋଇ ସାଧାରଣ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବରେ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଲାଗି ରହିଛି । ଫଳରେ ଓଡ଼ିଶାର ବିଭିନ୍ନ ନଦୀରେ ବନ୍ୟା ଆସିଛି । ଅଗଷ୍ଟ ୫ ପର୍ଯ୍ୟନ୍ତ ଓଡ଼ିଶା ସମେତ ଉପରମୁଣ୍ଡରେ ଥିବା ଏସବୁ ରାଜ୍ୟରେ ବର୍ଷା ଲାଗି ରହିବାର ସମ୍ଭାବନା ଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ମଧ ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଶୁକ୍ରବାର ରାଜ୍ୟର କେତେକ ଜିଲାରେ ଝଡ଼ବର୍ଷା ଲାଗି ରହିବ । ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି । ସେହିପରି ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି ।



## ଆଜି ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୬ ଅଗଷ୍ଟ ୧ ତାରିଖରେ ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକ ଗସ୍ତ କରିବେ । ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲାସ୍ଥିତ ଭୋଗାପୁରମ୍ଠାରେ 'ଅଲ୍ଲୁରୀ ସୀତାରାମ ରାଜୁ ଅନ୍ତର୍ଜାତୀୟ ବିମାନବନ୍ଦର'ର ଯାତ୍ରୀ ଟର୍ମିନାଲ୍ ଭବନ ବୁଲି ଦେଖିବେ । ଏହାପରେ ସକାଳ ୧୧:୩୦ଟାରେ ସେ ଏହି ବିମାନବନ୍ଦରର ଉଦ୍ଘାଟନ କରିବା ସହ ଭୋଗାପୁରମ୍ଠାରେ ୧୭,୯୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ ଏବଂ ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ପରବର୍ତୀ ସମୟରେ, ଅପରାହ୍ନ ପ୍ରାୟ ୩:୩୦ଟାରେ ପ୍ରଧାନମନ୍ତ୍ରୀ ମୈସୁରୁସ୍ଥିତ ଶ୍ରୀ ରାମକୃଷ୍ଣ ଆଶ୍ରମଠାରେ 'ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ ଯୁବ କେନ୍ଦ୍ର - ବିବେକ ସ୍ମାରକ'ର ଉଦ୍ଘାଟନ କରି ସମାବେଶକୁ ସମ୍ବୋଧିତ କରିବେ । ଆନ୍ଧ୍ର ପ୍ରଦେଶର ଭୋଗାପୁରମଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅଲ୍ଲୁରୀ ସୀତାରାମ ରାଜୁ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଦଘାଟନ କରିବେ । ୫,୬୪୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ସରକାରୀ-ଘରୋଇ ସହଭାଗିତା ମୋଡରେ ବିକଶିତ, ଗ୍ରୀନଫିଲ୍ଡ ବିମାନବନ୍ଦରକୁ ବାର୍ଷିକ ୬ ନିୟୁତ



ଯାତ୍ରୀଙ୍କ ପରିଚାଳନା କରିବା ଲକ୍ଷ୍ୟରେ ଡିଜାଇନ କରାଯାଇଛି । ଯାତ୍ରୀ ଟର୍ମିନାଲ କୋଠାକୁ ଏକ ଆଧୁନିକ, ସୁଗମ ଏବଂ ବାଧାବିହୀନ ଯାତ୍ରାର ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ବିମାନବନ୍ଦରର କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଏବଂ ଭବିଷ୍ୟତର ବିମାନ ଚଳାଚଳ ଆବଶ୍ୟକତା ପୂରଣ କରିବା ପାଇଁ ଉନ୍ନତ ଭିତିଭୂମି, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ବିମାନବନ୍ଦରକୁ କୃତ୍ରିମ ବୁଦ୍ଧିମତା (ଏଆଇ), ବିଲ୍ଡିଂ ସୂଚନା ମଡେଲିଂ (ବିଆଇଏମ୍), ଏୟାରସାଇଡ ୪.୦ ପ୍ରଯୁକ୍ତିବିଦ୍ୟା, ବିମାନବନ୍ଦରର ପୂର୍ବାନୁମାନ କାର୍ଯ୍ୟକେନ୍ଦ୍ର (ଏପିଓସି), ବାୟୋମେଟ୍ରିକ ଯାତ୍ରୀ ପ୍ରୋସେସିଙ୍ଗ, ସ୍ୱୟଂଚାଳିତ ବ୍ୟାଗେଜ ପରିଚାଳନା ପ୍ରଣାଳୀ ଏବଂ ବୁର୍ଦ୍ଧିମାନ କାର୍ଯ୍ୟକ୍ଷମ ମନିଟରିଂ ସମାଧାନ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ କରାଯାଇଛି । ଏହି ପ୍ରଣାଳୀ ଗୁଡ଼ିକ କାର୍ଯ୍ୟକ୍ଷମତା ବୃଦ୍ଧି କରିବା, ଯାତ୍ରୀଙ୍କ ସୁବିଧା ଏବଂ ସୁରକ୍ଷାକୁ ଉନ୍ନତ କରିବା ଏବଂ ସଂସାଧନର ସର୍ବୋତମ ଉପଯୋଗ କରିବାରେ ସହାୟକ ହେବ । ଏହି ପ୍ରକଳ୍ପରେ ଶକ୍ତି-ଦକ୍ଷ ତାପନ, ବାୟୁଚଳନ ଏବଂ ଏୟାର କଣ୍ଡିସନିଙ୍ଗ ସିଷ୍ଟମ (ଏଚଭିଏସି), ଶକ୍ତି-ଦକ୍ଷ ଆଲୋକୀକରଣ, ଏକ ୫ ମେଗାୱାଟ ସୌରଶକ୍ତି ପ୍ଲାଂଟ, ବର୍ଷାଜଳ ଅମଳ, ସ୍ମାର୍ଟବିଲ୍ଡିଂ ପରିଚାଳନା ପ୍ରଣାଳୀ, ବର୍ଜ୍ୟ ପରିଚାଳନା ପଦକ୍ଷେପ, ବୈଦ୍ୟୁତିକ ଯାନ ଚାର୍ଜିଙ୍ଗ ଭିତିଭୂମି ଏବଂ ପରିବେଶଗତ ପର୍ଯ୍ୟବେକ୍ଷଣ ପଦକ୍ଷେପ ସମେତ ଅନେକ ସ୍ଥାୟିତ୍ୱ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ । ଟର୍ମିନାଲଟି ସବୁଜ ବିଲ୍ଡିଂ ମାନଦଣ୍ଡ ଅନୁଯାୟୀ ଡିଜାଇନ କରାଯାଇଛି ଏବଂ ଏହା ଆମେରିକା ସବୁଜ ବିଲ୍ଡିଂ ପରିଷଦ ସହିତ ପଞ୍ଜିକୃତ (ୟୁଏସଜିବିସି) । ବିମାନବନ୍ଦରର ସ୍ଥାପତ୍ୟ ଡିଜାଇନ ଆନ୍ଧ୍ର ପ୍ରଦେଶର ସାଂସ୍କୃତି ଐତିହ୍ୟରୁ ପ୍ରେରଣା ଆଣେ । ଟର୍ମିନାଲର ଛାତ ପ୍ରୋଫାଇଲ ପାରମ୍ପରିକ 'ଚୁଟିଲୁ' କୁଟୀର ଏବଂ ଆରାକୁ ଉପତ୍ୟକାର ଭୂଦୃଶ୍ୟକୁ ପ୍ରତିଫଳିତ କରେ । ଯେତେବେଳେ କି ଏହାର ପ୍ରବାହିତ ରୂପ ଏକ ଉଡ଼ନ୍ତା ମାଛର ସୁନ୍ଦର ଗତିକୁ ପ୍ରତୀକ କରେ, ଯାହା ସମସାମୟିକ ବିମାନବନ୍ଦର ଡିଜାଇନ ସହିତ ଆଂଚଳିକ ସ୍ଥାପତ୍ୟ ଉପାଦାନଗୁଡ଼ିକୁ ମିଶ୍ରଣ କରେ । ଏହି ବିମାନବନ୍ଦର ଆନ୍ଧ୍ର ପ୍ରଦେଶରେ ବିମାନ ସଂଯୋଗକୁ ସୁଦୃଢ଼ କରିବା ସହିତ ପର୍ଯ୍ୟଟକ,ବାଣିଜ୍ୟ, ନିବେଶ ଏବଂ ନିଯୁକ୍ତି ସୃଷ୍ଟିକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ବିଶାଖାପାଟଣାରେ ୬୦ କୋଟି ଟଙ୍କାରୁ ଅଧିକ ନିବେଶରେ ଅଧିକ ବିକଶିତ ଏଏସଆଇପି ସେମି କଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ସୁବିଧା ଏଏସଆଇପି ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡ, କୋରିଆ ଗଣରାଜ୍ୟର ଏପିଏସିଟି ସହଭାଗିତାରେ ବିକଶିତ କରାଯାଉଛି ।

## ଜାତୀୟ ଖାଦ୍ୟ ତୈଳ ମିଶନ- ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟପାଳ

ଭୁବନେଶ୍ୱର : ଜାତୀୟ ଖାଦ୍ୟ ତୈଳ ମିଶନ–ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ



ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଶୁକ୍ରବାର ଦିନ ମିଶନ–ଅଏଲ ପାମର କାର୍ଯ୍ୟକାରିତାର ସ୍ଥିତି ଉପରେ ଲୋକଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଭାରତର ଆମଦାନି ନିର୍ଭରତା କମାଇବା ପାଇଁ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହା ଜାତୀୟ ଅର୍ଥନୀତିକୁ ମଜବୁତ କରିବ, ବିଦେଶୀ ମୁଦ୍ରା ସଂଚୟ କରିବ ଏବଂ ଖାଦ୍ୟ ନିରାପତା ବଢ଼ାଇବ ବୋଲି ରାଜ୍ୟପାଳ କହିଥିଲେ । କୃଷିପ୍ରଧାନ ଦେଶ ହୋଇଥିବା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଖାଦ୍ୟ ତୈଳ ଆମଦାନି କରୁଛି, ଯାହା ଫଳରେ ବିଦେଶୀ ମୁଦ୍ରାର ବହୁଳ ପରିମାଣରେ ବାହ୍ୟପ୍ରବାହ ହେଉଛି ବୋଲି ରାଜ୍ୟପାଳ କହିଥିଲେ । ଆମଦାନି କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିପାରିଲେ ଦେଶର ଅର୍ଥନୀତି ମଜବୁତ୍ ହେବ । ଏହା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ମଧ ରାଜ୍ୟପାଳ କହିଥିଲେ । ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଏହି ମିଶନକୁ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କେବଳ ଆମଦାନୀ ନିର୍ଭରତା କମାଇବ ନାହିଁ ବରଂ ଅର୍ଥନୈତିକ ସ୍ଥିରତା ବଢ଼ାଇବା ସହିତ ବିଶ୍ୱ ବଜାରର ଯୋଗାଣ ଶୃଙ୍ଖଳା ବ୍ୟାଘାତ ଏବଂ ଆନ୍ତର୍ଜାତୀୟ ମୂଲ୍ୟର ଉତଥାନ ପତନରୁ ଦେଶକୁ ରକ୍ଷା କରିବ । ପୁଣି ରାଜ୍ୟପାଳ କହିଥିଲେ ଯେ ପାମ୍ ତେଲ ହେଉଛି ସବୁଠାରୁ ଅଧିକ ଉତ୍ପାଦନକ୍ଷମ ତୈଳବୀଜ ଫସଲ । ଏହା ପାରମ୍ପରିକ ତୈଳବୀଜ ତୁଳନାରେ ପ୍ରତି ଏକକ କ୍ଷେତ୍ରରେ ଚାରିରୁ ପାଂଚ ଗୁଣ ଅଧିକ ତୈଳ ଉତ୍ପାଦନ ହୋଇଥାଏ । ଥରେ ରୋପିତ ହେଲେ ଏହି ବଗିଚା ପ୍ରାୟ ତିରିଶ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନକ୍ଷମ ରହି କୃଷକଙ୍କୁ ସ୍ଥିର ଓ ଦୀର୍ଘମିୟାଦୀ ଆୟର ଉତ୍ସ ପ୍ରଦାନ କରେ । ଏହି ମିଶନ ଗୁଣବତାପୂର୍ଣ୍ଣ ରୋପଣ ସାମଗ୍ରୀ, ଜଳସେଚନ, ପ୍ରକ୍ରିୟାକରଣ ସ୍ଥାପନା, ନିଶ୍ଚିତ କ୍ରୟ, ବିପଣନ ଏବଂ ବୈଜ୍ଞାନିକ ଏକ୍ସଟେନ୍‌ସନ ସେବାକୁ ସମର୍ଥନ କରୁଥିବା ଏକ ସମନ୍ୱିତ ଦୃଷ୍ଟିକୋଣ ଗ୍ରହଣ କରିଛି । ଓଡ଼ିଶାରେ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଏବଂ ବିସ୍ତୃତ ଚାଷପୋଯୋଗୀ ଜମି ସହିତ ଓଡ଼ିଶା ଭାରତର ଖାଦ୍ୟ ତୈଳ ସ୍ୱାବଲମ୍ବନଶୀଳତାରେ ଏକ ପ୍ରମୁଖ ଅବଦାନ ରଖୁଥିବା ରାଜ୍ୟ ଭାବେ ଉଭା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି । ଜିଲ୍ଲା ପ୍ରଶାସନ, ଗବେଷଣା ଅନୁଷ୍ଠାନ ଏବଂ ତାଲିକାଭୁକ୍ତ ବେସରକାରୀ ସହଭାଗୀଙ୍କ ସହଯୋଗରେ ଓଡ଼ିଶା ସରକାର ଗ୍ରହଣ କରିଥିବା କ୍ଲଷ୍ଟର ଆଧାରିତ କାର୍ଯ୍ୟକାରିତା କୌଶଳ ଏକ ସ୍ଥିର ପାମ୍ ତେଲ ପରିବେଶ ତଥା ଗ୍ରାମୀଣ ଜୀବିକାର ରୂପାନ୍ତରଣ କରିପାରିବ ବୋଲି ସେ କହିଥିଲେ । ଏହି ମିଶନ ଫସଲ ବିବିଧକରଣ, ଗ୍ରାମୀଣ ରୋଜଗାର ସୃଷ୍ଟି, କୃଷିଆଧାରିତ ଶିଳ୍ପକୁ ପ୍ରୋତ୍ସାହନ, ବେସରକାରୀ ବିନିଯୋଗର ଆକର୍ଷଣ ଏବଂ ପ୍ରକ୍ରିୟାକରଣ, ଲଜିଷ୍ଟିକ୍ସ ଓ ବିପଣନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରି କୃଷକଙ୍କୁ ଅଧିକ ଓ ସ୍ଥିର ଆୟ ପ୍ରଦାନ କରିବ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ରାଜ୍ୟପାଳ ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରି ସମୟଭିତିକ ଲକ୍ଷ୍ୟ ହାସଲ, କୃଷକଙ୍କ ଦକ୍ଷତା ବୃଦ୍ଧି, ପ୍ରକ୍ରିୟାକରଣ ଭିତିଭୂମିର ଅଭିବୃଦ୍ଧି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ଅବଲମ୍ବନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଓଡ଼ିଶାର ରେଳ ଭିତିଭୂମିକୁ ମିଳିବ ବୁଷ୍ଟର ଡୋଜ୍ : ରେଳମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ର ଓ ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଗଠନ ହେବା ପରେ ଏବେ ଓଡ଼ିଶାର ଭିତିଭୂମି ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ଦିଆଯାଉଛି । ଏହି କ୍ରମରେ ଓଡ଼ିଶାର ରେଳ ମାନଚିତ୍ରରେ ଏକ ବଡ଼ ଧରଣର ପରିବର୍ତନ ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀଠାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ରାଜ୍ୟର ରେଳ ପ୍ରକଳ୍ପଗୁଡ଼ିକର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ନେଇ ଦୀର୍ଘ ସମୟ ଧରି ଫଳପ୍ରଦ ଆଲୋଚନା ହୋଇଛି, ଯାହାକୁ ନେଇ ଆଗାମୀ ଦିନରେ ବଡ଼ ଘୋଷଣାର ଆଶା କରାଯାଉଛି । ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଓଡ଼ିଶାରେ ଚାଲିଥିବା ବିଭିନ୍ନ ଅଧାଗଢ଼ା ରେଳ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଜୋର ଦେଇଥିଲେ । ବିଶେଷ କରି ରାଜ୍ୟର ଉପାନ୍ତ ତଥା



ଆଦିବାସୀ ଅଧ୍ୟୁଷିତ ଅଂଚଳକୁ ରେଳ ନେଟୱର୍କ ସହ ଯୋଡ଼ିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଖୋର୍ଦ୍ଧା-ବଲାଙ୍ଗୀର ଭଳି ବହୁ ପ୍ରତୀକ୍ଷିତ ରେଳ ଲାଇନ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ଏବଂ ଶିଳ୍ପ କରିଡରଗୁଡ଼ିକରେ ମାଲବାହୀ ଟ୍ରେନ୍ ଚଳାଚଳକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଏହା ସହିତ ଅମୃତ ଭାରତ ଷ୍ଟେସନ ଯୋଜନାରେ ଓଡ଼ିଶାର ପ୍ରମୁଖ ଷ୍ଟେସନଗୁଡ଼ିକର ବିକାଶ କାର୍ଯ୍ୟ ଏବଂ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି । ସେ ଆଶ୍ୱାସନା ଦେଇଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାର ରେଳ ବିକାଶ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଗତ କିଛି ବର୍ଷ ଧରି ଓଡ଼ିଶାକୁ ରେଳ ବଜେଟରେ ରେକର୍ଡ ପରିମାଣର ଅର୍ଥ ବରାଦ କରାଯାଉଛି ଏବଂ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସହଯୋଗରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସହଜ ହେଲେ ପ୍ରକଳ୍ପଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ ହୋଇପାରିବ ବୋଲି ସେ କହିଛନ୍ତି । ରାଜ୍ୟବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ କରିବା ଦିଗରେ ଏହି ଉଚ୍ଚସ୍ତରୀୟ ବୈଠକ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

## ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ସାଂଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର : ସ୍ଥାନିୟ ହୋଟେଲ ହେରିଟେଜ ର ସମ୍ମିଳନୀ କକ୍ଷରେ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି,ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ମାନିତ ଅତିଥି ଭାବେ ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପ ସଭାପତି ଆଲୋକ ମହାନ୍ତି ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଶିଶିର ମହନ୍ତ ଯୋଗଦାନ କରିଥିଲେ । ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା , ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ, ପୂର୍ବତନ ଜିଲ୍ଲା ସଭାପତି ବୈରାଗୀ ଚରଣ ବେହେରା , ରାଜ୍ୟ ବିଜେପି ପ୍ରବକ୍ତା ଙ୍କ ବିଭୂପଦ ଦାସ ,କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅକ୍ଷୟ ବିଶ୍ୱାଳ ପ୍ରମୁଖ ମଂଚାସିନ ଥିଲେ,ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସାଧାରଣ




ସମ୍ପାଦକ ସୌଭାଗ୍ୟ ମାନସ ନାୟକ ମଂଚ ପରିଚାଳନା କରିଥଲେ,ଜିଲ୍ଲା କାର୍ଯ୍ୟଳୟ ସମ୍ପାଦକ ମହେଶ୍ୱର ଗିରି ମଂଚ ଆହ୍ୱାନ କରିଥିଲେ । ଉକ୍ତ ବୈଠକ ର ପ୍ରାରମ୍ଭ ରେ ସାମୂହିକ ବନ୍ଦେ ମାତରମ ଗାନ କରାଯାଇଥିଲା,ଜିଲ୍ଲା ର ସମସ୍ତ ୩୩ଟି ଯାକ ମଣ୍ଡଳର ସଭାପତିଙ୍କୁ ସମ୍ମାନିତ କରାଯଇଥିଲା,ରାଜ୍ୟ ଉପ ସଭାପତି ଆଲୋକ ମହାନ୍ତି ତାଙ୍କର ବକ୍ତବ୍ୟ ରେ କୃତ୍ରିମ ବନ୍ୟାରେ ଜିଲ୍ଲାରେ ଚାଷୀ ମାନଙ୍କ କ୍ଷୟ କ୍ଷତି କିପରି ଆକଳନ କରି ସମସ୍ତ ଚାଷୀ ମାନେ କିପରି ଉପକୃତ ହେବେ ସେ ବିଷୟ ରେ ବକ୍ତବ୍ୟ ରଖିଥିଲେ , ପରିବେଶକୁ ସୁରକ୍ଷା ଚାଷ ହିଁ ଦେଇ ପାରିବ ତେଣୁ ଜଣେ ଚାଷୀ ର ଅନେକ ମହତ୍ୱ ରହିଛି । ତତ୍ ସହ ସଂଗଠନ ଆଗକୁ ଯିବା ପାଇଁ ଆଗାମୀ ଦିନରେ କଣ ପଦକ୍ଷେପ ନେଇ ହେବ ସେ ବିଷୟ ରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି କହିଥିଲେ, କାର୍ଯକ୍ରମ ଶେଷରେ ଜିଲ୍ଲା କୃଷକ ମୋର୍ଚ୍ଚା ଉପ ସଭାପତି ପ୍ରହଲ୍ଲାଦ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଉପ ସଭାପତି ସିଦ୍ଧାର୍ଥ ଶଙ୍କର ବେହେରା, ପୀତାମ୍ବର ଭୂୟାଁ, ସୁଧାକର ଆଚାର୍ଯ୍ୟ, ମହେଶ୍ୱର ନାଥ, ,ରାଜେଶ ରାଉତ୍, ସଂଯୋଜକ ରଣଜିତ୍ ପୃଷ୍ଟି ,ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ରଜତ ମହାପାତ୍ର, ବାସନ୍ତୀ ବେହେରା, କୋଷାଧକ୍ଷ ପ୍ରଫୁଲ୍ଲ ଦଳେଇ, ସାମାଜିକ ଗଣମାଧମ ସଂଯୋଜକ ସୁମନ୍ତ ମହାଳିକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଶ୍ରୀଲଙ୍କା ଗସ୍ତ କରିବ ଟିମ୍ ଇଣ୍ଡିଆ: ଅଗଷ୍ଟ ୧୫ରୁ ଖେଳାଯିବ ୨ଟି ଟେଷ୍ଟ

କଲମ୍ବୋ: ଭାରତୀୟ କ୍ରିକେଟ୍ ଦଳ ଆଉ ଥରେ ଶ୍ରୀଲଙ୍କା ମାଟିରେ ଟେଷ୍ଟ କ୍ରିକେଟ୍ ଖେଳିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ୧୫ରୁ ୨୭ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ । ଏହି ସିରିଜ କେବଳ ଦ୍ୱିପାକ୍ଷିକ ସିରିଜ୍ ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନସିପର ଗୁରୁତ୍ୱପୂର୍ଣ୍ଣ ପଏଂଟସ ହାତେଇବାକୁ ଚାହିଁବ । ଅଧିନାୟକ ଶୁଭମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କେବଳ ସିରିଜ ଜିତିବା ନୁହେଁ, ପଏଂଟସ ଟେବୁଲ୍‌ରେ ଲମ୍ବା ଡେଇଁ ମାରିବାକୁ ଲକ୍ଷ୍ୟ ରଖିଛି । ସିରିଜ୍ ପୂର୍ବରୁ ସ୍ଥାନୀୟ ପରିସ୍ଥିତି ସହ ଖାପଖୁଆଇବା ପାଇଁ ଭାରତୀୟ ଦଳ ୭ ଅଗଷ୍ଟରୁ କଲମ୍ବୋଠାରେ ଏକ ୪ଦିନିଆ ଅଭ୍ୟାସ ମ୍ୟାଚ ଖେଳିବ । ଭାରତ ବର୍ତମାନ ୨୦୨୫-୨୭ ପଏଂଟସ ଟେବୁଲ୍‌ରେ




୯ଟି ମ୍ୟାଚ୍ ପରେ ୫୨ ପଏଂଟ ଏବଂ ୪୮.୧୫ ସହ ୫ମ ସ୍ଥାନରେ ରହିଛି । ଯଦି ଟିମ୍ ଇଣ୍ଡିଆ ଶ୍ରୀଲଙ୍କାରେ ଶ୍ରେଷ୍ଠ ପ୍ରଦର୍ଶନ କରେ, ତେବେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ପୂର୍ବରୁ ଦଳର ସ୍ଥିତି ବେଶ୍ ମଜବୁତ୍ ହୋଇପାରିବ । ୧୯୮୫ ରୁ ୨୦୧୭ ମଧ୍ୟରେ ଦୁଇ ଦଳ ମଧ୍ୟରେ ଶ୍ରୀଲଙ୍କାରେ ମୋଟ ୨୪ଟି ଟେଷ୍ଟ ଖେଳାଯାଇଛି । ଏଥିମଧ୍ୟରୁ ଭାରତ ୯ଟି ଜିତିଥିବା ବେଳେ ୭ଟିରେ ପରାଜିତ ହୋଇଛି ଏବଂ ୮ଟି ମ୍ୟାଚ୍ ଡ୍ର ରହିଛି । ଶ୍ରୀଲଙ୍କା ମାଟିରେ ଭାରତ ଶେଷ ଥର ପାଇଁ ଅଗଷ୍ଟ ୨୦୧୫ରେ ୬୩ ରନ୍‌ରେ ପରାଜିତ ହୋଇଥିଲା । ଏହା ପରଠାରୁ ଭାରତୀୟ ଦଳ ସେଠାରେ ଖେଳାଯାଇଥିବା ସମସ୍ତ ୫ଟି ଯାକ ଟେଷ୍ଟ ଜିତିଛି ଏବଂ ବିଗତ ୧୧ ବର୍ଷ ହେବ ଗୋଟିଏ ହେଲେ ମଧ୍ୟ ଟେଷ୍ଟ ହାରିନାହିଁ । ଭାରତ ଶେଷ ଥର ପାଇଁ ୨୦୧୭ରେ ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ଶ୍ରୀଲଙ୍କା ଗସ୍ତ କରିଥିଲା । ସେହି ସିରିଜ୍‌ରେ ଭାରତ ଗଲ୍ ଟେଷ୍ଟରେ ୩୦୪ ରନ୍, କଲମ୍ବୋ ଟେଷ୍ଟରେ ଇନିଂସ ଓ ୫୩ ରନ୍ ଏବଂ ପାଲେକେଲେ ଟେଷ୍ଟରେ ଇନିଂସ ଓ ୧୭୧ ରନ୍‌ରେ ବିଜୟୀ ହୋଇ ୩-୦ ରେ କ୍ଲିନ୍ ସ୍ୱିପ୍ କରିଥିଲା ।

## ବିଶ୍ୱ କନିଷ୍ଠ ସ୍କ୍ୱାସ୍: ଭାରତକୁ ପୁଣି କାଂସ୍ୟ



ଓଂଟାରିଓ: ଭାରତୀୟ ବାଳକ ଦଳ ଲଗାତାର ଦ୍ୱିତୀୟ ଥର ଲାଗି ବିଶ୍ୱ ସ୍କ୍ୱାସ୍ କନିଷ୍ଠ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛି । କାନାଡାର ଓଂଟାରିଓରେ ଆୟୋଜିତ ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ ୦-୨ରେ ଆମେରିକାକୁ ହାରି ଏହି ପଦକରେ ସନ୍ତୁଷ୍ଟ ରହିଥିଲ । ପ୍ରଥମ ମ୍ୟାଚ୍‌ରେ ଗୁରବୀର ସିଂହ ୭-୧୧, ୧୨-୧୦, ୯-୧୧, ୭-୧୧ରେ ବ୍ରେଣ୍ଡନ ଟାଗ୍ଲିଆରିନିଙ୍କଠୁ ହାରିବା ପରେ ଆର୍ଯ୍ୟବୀର ଦେୱାନ୍ ମଧ ଦ୍ୱିତୀୟ ମ୍ୟାଚ୍‌କୁ ୫-୧୧, ୭-୧୧, ୫-୧୧ରେ ୟାସିନ ଶାଲାବାଏଙ୍କଠୁ ପରାସ୍ତ ହୋଇଥିଲେ । ସେମିଫାଇନାଲିଷ୍ଟ ପରାଜିତ ଦଳ କାଂସ୍ୟ ପାଇବା ନିଶ୍ଚିତ ଥିବାରୁ ଭାରତ ଗତ ସଂସ୍କରଣ ପରି ଏହି ମଧ ଏହି ପଦକରେ ସନ୍ତୁଷ୍ଟ ରହିଥିଲା । ପୂର୍ବରୁ ବାଳିକା ଦଳ ଆମେରିକାଠୁ କ୍ୱାର୍ଟରଫାଇନାଲ୍‌ରେ ହାରି ପଦକରୁ ବଂଚିତ ରହିଥିଲା ।

## ୨୦୨୭ ଦିନିକିଆ ବିଶ୍ୱକପ୍: ୧୨ଟି ସହରର ନାମ ଘୋଷଣା କଲା ଆଇସିସି

ନୂଆଦିଲ୍ଲୀ: ଆଇସିସି ୨୦୨୭ ପୁରୁଷ ଦିନିକିଆ ବିଶ୍ୱକପ୍ ପାଇଁ ୧୨ଟି ଆୟୋଜକ ସହରର ନାମ ଆନୁଷ୍ଠାନିକ ଭାବେ ଘୋଷଣା କରିଛି । ଏହି ଟୁର୍ନାମେଂଟ ୨୦୨୭ ଅକ୍ଟୋବର ୪ ରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା, ଜିମ୍ବାବ୍ୱେ ଏବଂ ନାମ୍ବିଆରେ ଖେଳାଯିବ । ଦୀର୍ଘ ୨୪ ବର୍ଷ ପରେ ପୁଣିଥରେ ଆଫ୍ରିକା ମହାଦେଶକୁ ଫେରୁଛି ଦିନିକିଆ ବିଶ୍ୱକପ । ଟୁର୍ନାମେଂଟର ମୋଟ ୫୪ଟି ମ୍ୟାଚ୍ ମଧ୍ୟରୁ ପ୍ରାୟ ୪୧ଟି ମ୍ୟାଚ୍ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହେବ । ଦକ୍ଷିଣ ଆଫ୍ରିକାର ୮ଟି ପ୍ରମୁଖ ସହର ଯୋହାନ୍ସବର୍ଗ, ସେଂଚୁରିଅନ୍, ଡର୍ବାନ୍, ଗକ୍ବେର୍ହା, କୁଗୋମ୍ପୋ ସିଟି, କେପଟାଉନ୍, ପାର୍ଲ ଏବଂ ବ୍ଲୋମଫୋଂଟେନରେ ଏହି ମ୍ୟାଚଗୁଡ଼ିକ ଖେଳାଯିବ । ସେହିପରି ଜିମ୍ବାବ୍ୱେର ହରାରେ, ବୁଲାୱାୟୋ ଏବଂ ଭିକ୍ଟୋରିଆ ଫଲ୍ସରେ ୭ରୁ ୧୦ଟି ମ୍ୟାଚ୍ ଆୟୋଜନ ହେବାକୁ ଥିବାବେଳେ ନାମ୍ବିଆର ରାଜଧାନୀ ୱିଣ୍ଡହୋକରେ ଅତି କମରେ ୩ଟି ମ୍ୟାଚ୍ ଖେଳାଯିବ । ଭିକ୍ଟୋରିଆ ଫଲ୍ସରେ




ଏକ ନୂତନ ୧୦ ହଜାର କ୍ଷମତା ବିଶିଷ୍ଟ ଷ୍ଟାଡିୟମ୍ ନିର୍ମାଣାଧୀନ ଅଛି, ଯାହା ପ୍ରଥମ ଥର ପାଇଁ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବ । ୨୦୨୭ ବିଶ୍ୱକପ୍‌ରେ ମୋଟ ୧୪ଟି ଦଳ ଭାଗ ନେବେ । ୧୨ଟି ଟିମ୍‌କୁ ୬-୬ କରି ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ । ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ୩ଟି ଟିମ ଏବଂ ଚତୁର୍ଥ ସ୍ଥାନରେ ଥିବା ଶ୍ରେଷ୍ଠ ଟିମ ସୁପର୭ କୁ ଯିବେ । ସୁପର୭ର ଶୀର୍ଷ ୪ଟି ଟିମ୍ ସେମିଫାଇନାଲରେ ପ୍ରବେଶ କରିବେ ଏବଂ ବିଜେତା ଟିମ୍ ଫାଇନାଲ୍ ଖେଳିବେ । ଏହି ନୂତନ ଫର୍ମାଟ୍ ଯୋଗୁଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସର୍ବାଧିକ ୩ଟି ମ୍ୟାଚ୍ ଖେଳାଯିବାର ସମ୍ଭାବନା ରହିଛି । ଫାଇନାଲ୍ ମ୍ୟାଚ୍ ଯୋହାନ୍ସବର୍ଗର ୱାଣ୍ଡରର୍ସ କିମ୍ବା କେପଟାଉନ୍‌ର ନ୍ୟୁଲ୍ୟାଣ୍ଡସ୍ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇପାରେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**